## ସଂକ୍ଷେପରେ

### ଯାନବାହନ ଯାଞ୍ଚ ବେଳେ ଧରାପଡିଲା ଟିକସ ଫାଙ୍କି

ଆସିକା,୨।୮ (ଡି.ଏନ୍.ଏ.)- ଗାଙ୍ଗପୁର ପୋଲିସ ଶୁକ୍ରବାର ଭୋରରେ ଗାଙ୍ଗପୁରଠାରେ ଯାନବାହାନ ଯାଞ୍ଚ କଲାବେଳେ ଟିକସ ଫାଙ୍କି ଅଭିଯୋଗରେ ଗୋଟିଏ ପାନ ମସଲା ବୋଝେଇ ପିକ୍‌ଅପ୍ ଭ୍ୟାନରୁ ଲକ୍ଷାଧିକ ଟଙ୍କା ଜୋରିମନା ଆଦାୟ କରାଯାଇଥିବା ଜଣାପଡିଛି। ପାନ ମସଲା ଥିବା ଗାଡିଟି ରାଉରକେଲାରୁ ଗାଙ୍ଗପୁରକୁ ଆସୁଥିବା ଜଣାପଡିଥିଲା। ତେବେ ଗାଡିର ଚାଳକ ବିଧିବଦ୍ଧ ଟିକସ ଦେଇ ନଥିବା ଜଣାପଡିବା ପରେ ପୋଲିସ ପକ୍ଷରୁ ଆସିକା ଓ ଭଞ୍ଜନଗର ବିକ୍ରିକର ବିଭାଗର ସହାୟତା ନିଆଯାଇଥିଲା। ବିକ୍ରିକର ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ଗାଡିକୁ ୧ଲକ୍ଷ ୭ହଜାର ୩୮୪ ଟଙ୍କା ଜରିମାନା କରିଥିଲେ। ଜରିମାନା ଦେବା ପରେ ସମ୍ପୃକ୍ତ ଗାଡିକୁ ପୋଲିସ ଛାଡି ଦେଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଶିକ୍ଷକଙ୍କ ବିୟୋଗ

ଭଞ୍ଜନଗର,୨।୮(ଡି.ଏନ.ଏ): ଭଞ୍ଜନଗର ବ୍ଲକ ଜୟମଙ୍ଗଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଦାସ (୫୭)ଙ୍କ ଶୁକ୍ରବାର ସକାଳେ ଅକାଳ ବିୟୋଗ ଘଟିଛି। ଏନେଇ ମୁଜାଗଡ଼ ପଞ୍ଚାୟତ ଓ ଶିକ୍ଷକ ମହଲରେ ଶୋକରଛାୟା ଖେଳିଯାଇଛି। ସୁଧାଂଶୁ ମୁଜାଗଡ଼ ଗ୍ରାମବାସୀ ହୋଇଥିବାବେଳେ ପଡ଼ୋଶୀ ଜୟମଙ୍ଗଳ ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ। ଗୁରୁବାର ବିଦ୍ୟାଳୟରୁ ଫେରିବାପରେ ରାତିରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

କୋଟଗଡ,୨।୮(ଡି.ଏନ.ଏ.)-କ.ନୂଆଗାଁ ପୋଲିସ କଞ୍ଚାମେଣ୍ଡି ନିକଟରେ ବ୍ଲକିଂ କରି ଗାଡି ଯାଞ୍ଚ କରୁଥିବା ବେଳେ ଗଞ୍ଜେଇ ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ପିଣ୍ଟୁ ନାୟକ। ଗାଡ଼ିରୁ ୭୨କେଜି ୨୪୫ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗାଡିରେ ୩ ଜଣ ବସିଥିଲେ। ପୋଲିସ ପିଣ୍ଟୁଙ୍କୁ ଧରିଥିବା ବେଳେ ଅନ୍ୟ ୨ ଜଣ ଫରାର ହୋଇଯାଇଛନ୍ତି। ଏହି ଗଞ୍ଜେଇ ବାଲିଗୁଡାରୁ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡିଛି।

### ପୁନଃ ମୂଲ୍ୟାୟନ ପରେ ଆଦିତ୍ୟ ହେଲେ ଗଞ୍ଜାମ ଟପ୍ପର



ପୋଲସରା, ୨।୮ (ଡି.ଏନ.ଏ.): ଦଶମ ଶ୍ରେଣୀ ପରୀକ୍ଷାରେ ପୋଲସରା ବ୍ଲକ ହାତୀଓଟ ଆଦର୍ଶ ବିଦ୍ୟାଳୟକୁ ଆଉ ଏକ ସଫଳତା ମିଳିଛି। ପୂର୍ବରୁ ଗଞ୍ଜାମରେ ଦ୍ୱିତୀୟ ଏବଂ ଓଡ଼ିଶାରେ ଚତୁର୍ଥ ସ୍ଥାନରେ ଥିବା ଛାତ୍ର ଆଦିତ୍ୟ ସାହୁ ପୁନଃ ମୂଲ୍ୟାୟନ ପରେ ଓଡ଼ିଆରେ ଅଧିକ ୨ ନମ୍ବର ରଖିଛନ୍ତି। ଫଳରେ ଓଡ଼ିଆରେ ୧୦୦ରୁ ୯୭ ଓ ୫୦୦ ରୁ ୪୮୬ ନମ୍ବର ରଖି ଆଦିତ୍ୟ ଜିଲା ସ୍ତରରେ ଶୀର୍ଷ ସ୍ଥାନ ଓ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଆଦିତ୍ୟ ଆଦର୍ଶ ବିଦ୍ୟାଳୟ ସ୍ତରରେ ଏହି ସ୍ଥାନ ହାସଲ କରିଥିବା ଅନ୍ୟ ଏକ ଛାତ୍ର ମହେଶ ପ୍ରସାଦ ସାହୁଙ୍କ ସମକକ୍ଷ ହୋଇଛନ୍ତି। ୯୭.୨% ମାର୍କ ରଖି ଆଦିତ୍ୟ ଗଞ୍ଜାମ ଜିଲାରେ ଯୁଗ୍ମ ଟପ୍ପର ହୋଇଥିବାବେଳେ ଓଡ଼ିଶା ସ୍ତରରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ପୁନଃ ମୂଲ୍ୟାୟନ ଫଳାଫଳ ଘୋଷଣା ପରେ ଆଦିତ୍ୟଙ୍କ ପରିବାର ଓ ବିଦ୍ୟାଳୟରେ ଖୁସି ଦେଖାଯାଇଛି। ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିରରେ ଅଧ୍ୟୟନରତ ଛାତ୍ର ଆଦିତ୍ୟ ଭବିଷ୍ୟତରେ ଜଣେ ସଫଳ ଆଇଆଇଟିୟାନ ହେବାକୁ ଲକ୍ଷ୍ୟ ରଖିଛନ୍ତି।

### ବାଲି ବୋଝେଇ ଗାଡିରୁ ଜରିମାନା ଆଦାୟ

ଗୋପାଳପୁର,୨।୮: କନିଷି ତହସିଲ ପକ୍ଷରୁ ବେଆଇନ ବାଲି ଚାଲାଣ ଗାଡ଼ି ଉପରେ ଚଢ଼ାଉ କରାଯାଇ ୧ ଲକ୍ଷ ୭୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ତହସିଲ ଅଞ୍ଚଳରେ ୱାଇ ଫର୍ମ ନ ଥାଇ ବାଲି ଚାଲାଣ ହେଉଥିବା ଭାରପ୍ରାପ୍ତ ତହସିଲଦାର ଅନିତା ସାହୁ ଖବର ପାଇଥିଲେ । ତେଣୁ ବୁଧବାର ଓ ଗୁରୁବାର ଗୋଳନ୍ଥରା, କନିଷି, ଗୋପାଳପୁର ଓ ପଦ୍ମପୁର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବେଆଇନ ବାଲି ଚାଲାଣ କରୁଥିବା ୨ ଟ୍ରାକ୍ଟର ଓ ୨ ଟ୍ରକକୁ ଅଟକ ରଖାଯାଇ ମାଲିକଙ୍କଠାରୁ ୧ ଲକ୍ଷ ୭୮ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା।

## ■ ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି

# ରାତିରେ ପୋର୍ଟକୁ ଚଳାଚଳ କରିବ ଭାରୀଯାନ

ଛତ୍ରପୁର,୨।୮(ଡି.ଏନ.ଏ)



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

**■ସୁରକ୍ଷା କର୍ମୀ ନିଯୁକ୍ତି ହେବେ**
**■ସ୍ୱାସ୍ଥ୍ୟ, ଆଲୋକ, ପାଣି ବ୍ୟବସ୍ଥା କରାଯିବ**

ଗୋପାଳପୁର ପୋର୍ଟକୁ ଶୁକ୍ରବାର ରାତିରୁ ଭାରୀଯାନ ଚଳାଚଳ ଆରମ୍ଭ ହେବ। ଛତ୍ରପୁର ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବିପର୍ଯ୍ୟସ୍ତ ରାସ୍ତା ସମସ୍ୟା ଏବଂ ଅନ୍ୟାନ୍ୟ ଦାବି ନେଇ ସ୍ଥାନୀୟ ଲୋକେ ଭାରୀଯାନ ଚଳାଚଳକୁ ବିରୋଧ କରିଆସୁଥିଲେ। ଫଳରେ ଜାତୀୟ ରାଜପଥ ଉପରେ ଶତାଧିକ ଭାରୀଯାନ ଅଟକି ରହିଛି। ଏଥିସହ ପୋର୍ଟ ପରିସରରେ ମଧ୍ୟ ମାଲ୍ ଅନଲୋଡିଂ ପରେ ମଧ୍ୟ ଶତାଧିକ ଗାଡି ଅଟକି ରହିଛି। ଏତେ ସଂଖ୍ୟକ ଗାଡି ପୋର୍ଟକୁ ଆସୁଥିବାରୁ ୨ଟି ସ୍ଥାନ ଛତ୍ରପୁର ଉପକଣ୍ଠ ଜାତୀୟ ରାଜପଥ ପାର୍ଶ୍ୱ ଉଜ୍ଜ୍ୱଳେଶ୍ୱର ମନ୍ଦିର ନିକଟ ଏବଂ ଖଲ୍ଲିକୋଟ ବ୍ଲକ ନିର୍ମଳଝରଠାରେ ପାର୍କିଂ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଥିଲା। ଏଣିକି କୌଣସି ଗାଡି ଜାତୀୟ ରାଜପଥରେ ଅଟକିବନି ପୁରୁଣା ଛତ୍ରପୁରଠାରୁ ଡୁଗୁଲୁ ଛକ ପର୍ଯ୍ୟନ୍ତ ଚାରିଲେନ୍ ବିଶିଷ୍ଟ କରାଯିବାକୁ ଥିବା ବେଳେ କାଳିଆବାଲି ଛକ ଠାରୁ ଆଇଆରଇ ପ୍ଲାଣ୍ଟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ସହ ପ୍ରଶସ୍ତ କରାଯିବ। ଏହି କାର୍ଯ୍ୟ ତ୍ୱରାନ୍ୱିତ ପର୍ଯ୍ୟନ୍ତ ରାତିରେ ଭାରୀଯାନ ପୋର୍ଟକୁ ଚଳାଚଳ କରିବ ବୋଲି ବୈଠକରେ ସ୍ଥିର ହୋଇଛି। ଶୁକ୍ରବାର ଭୁବନେଶ୍ୱରରେ ଗ୍ରାମ୍ୟଉନ୍ନୟନ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଏହି ରାସ୍ତା ଉନ୍ନତୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆଲୋଚନା ହୋଇଛି ବୋଲି ତ୍ରିପାକ୍ଷିକ ଆଲୋଚନା ବୈଠକରେ ସୂଚନା ଦିଆଯାଇଥିଲା। ରାତିରେ ସୁରୁଖୁରୁ ଭାରୀଯାନ ଚଳାଚଳ ପାଇଁ ପୋର୍ଟ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ସୁରକ୍ଷାକର୍ମୀ ଭାବେ ନିଯୁକ୍ତି ଦେବେ। ଏହାର ତାଲିକା ଗାଁ କମିଟି ଦେବାକୁ କୁହାଯାଇଥିଲା। ୮୦ ସୁରକ୍ଷା କର୍ମୀ ନିଯୁକ୍ତ ହେବେ ବୋଲି ପୋର୍ଟ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏହାର ସଂଖ୍ୟା ବୃଦ୍ଧି କରିବାକୁ ସରପଞ୍ଚ ଓ ଅନ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳରେ ସିଏସଆର୍‌ରେ ସ୍ୱାସ୍ଥ୍ୟ, ପାନୀୟଜଳ, ଆଲୋକ ବ୍ୟବସ୍ଥା ପୋର୍ଟ ଓ ଅନ୍ୟ ସଂସ୍ଥାମାନେ କରିବେ। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଛତ୍ରପୁର ଏସଡପିଓ ଉତ୍କଳ କେଶରୀ ଦାଶ, ତହସିଲଦାର ନୀଳମାଧବ ଭୋଇ, ଡେପୁଟି ସବକଲେକ୍ଟର ଶରତ ଚନ୍ଦ୍ର ପାତ୍ର, ପୋର୍ଟ କର୍ତ୍ତୃପକ୍ଷ, କଣମଣା ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ସମିତିସଭ୍ୟା ରଶ୍ମିତା ବେହେରା, ଅର୍ଦ୍ଧା ରେଡ୍ଡୀ, ପୂର୍ବତନ ସରପଞ୍ଚ କ୍ରିଷ୍ଣା ରେଡ୍ଡୀ ଏବଂ ବିଭିନ୍ନ ଗାଁର ପ୍ରତିନିଧି ଉପସ୍ଥିତ ଥିଲେ।

# ଶିଶୁ ଉଦ୍ୟାନ, ମତ୍ସ୍ୟ ଅବତରଣ କେନ୍ଦ୍ର ପାଚେରି ଧସିଲା



ପାଣି ସ୍ରୋତରେ ଶିଶୁଉଦ୍ୟାନ ପାଚେରି ଧସିଛି ।

**ଗୋପାଳପୁର,୨।୮**

ଗୋପାଳପୁର ଓ ହରିପୁରକୁ ସଂଯୋଗ କରିବା ପାଇଁ ଏକ ଝୁଲା ବ୍ରିଜ ନିର୍ମାଣ ବ୍ରହ୍ମପୁର ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଚାଲିଛି। ଏଥିପାଇଁ ୧୭ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପାଣି ନ ଆସିବା ଲାଗି ସମୁଦ୍ର ମୁହାଁଣରେ ବାଲି ବସ୍ତା ରଖି ଆଡ଼ିବନ୍ଧ କରାଯାଇଥିଲା । ବର୍ତ୍ତମାନ ଉକ୍ତ ବ୍ରିଜ୍‌ର ମଧ୍ୟଭାଗରେ କାର୍ଯ୍ୟ ଚାଲୁ ରହିଛି । ତେବେ କାର୍ଯ୍ୟରେ ଏନଏସି କର୍ତ୍ତୃପକ୍ଷ ଓ ଆରଏଣ୍ଡ ବି ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବା ଜଣାପଡ଼ିଛି । ବର୍ଷା ଓ ସମୁଦ୍ର ଜୁଆର ଯୋଗୁ ବ୍ୟାକ ୱାଟର ଜଳସ୍ତର ବଢ଼ିବାରେ ଲାଗିଛି । ଗୋପାଳପୁରସ୍ଥିତ ମତ୍ସ୍ୟ ଅବତରଣ କେନ୍ଦ୍ର ଓ ୪ ବର୍ଷ ତଳେ ନିର୍ମିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନର ପାଚେରି ଦେଇ ବ୍ୟାକ ୱାଟର ସ୍ରୋତ ମୁହାଁଇବା ଫଳରେ ଶିଶୁ ଉଦ୍ୟାନର ପାଚେରି ଧସିଛି । ଏଥିସହ ମତ୍ସ୍ୟ ଅବତରଣ କେନ୍ଦ୍ରର ପାହାଚ ଓ ସୁରକ୍ଷା ପାଚେରି ମଧ୍ୟ ଧସେଇ ଯାଇଛି । ଠିକ୍ ଜଳ ନିଷ୍କାସନ କରା ନ ଯିବାରୁ ଏଭଳି ଘଟଣା ଘଟିଛି। ଏଥିରେ ପ୍ରାୟ ୧୦ ଲକ୍ଷ ଟଙ୍କାର କ୍ଷତି ହୋଇଛି ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ସୂଚନା ଦେଇଛନ୍ତି । ଅନ୍ୟପଟେ ନିର୍ମାଣ କାର୍ଯ୍ୟ ନିମ୍ନମାନର ଓ ମନ୍ଥର ଗତିରେ ଚାଲୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

# ଉପ ଜିଲାପାଳଙ୍କ ନଜରରେ ଏନ୍‌ଏସି

ଭଞ୍ଜନଗର,୨।୮(ଡି.ଏନ.ଏ)

ପୌର ସଂସ୍ଥା ଗୁଡ଼ିକରେ ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିବା ପରେ ସରକାରଙ୍କ ହାତକୁ ପରିଚାଳନା ଦାୟିତ୍ୱ ଯାଇଛି। କିନ୍ତୁ ପ୍ରଶାସନ ପୌର କର୍ମଚାରୀଙ୍କ ହାତରେ ଅଧିକାଂଶ ଦାୟିତ୍ୱ ଛାଡ଼ି ଦେଉଛନ୍ତି। ଯେଉଁଥିପାଇଁ ସହରରେ ପରିମଳ ସେବା ବିପର୍ଯ୍ୟସ୍ତ ଠାରୁ ଆରମ୍ଭ କରି ଅନେକ ସମସ୍ୟା ଉପୁଜିଛି। ଏହିଭଳି ଭଞ୍ଜନଗର ଏନ୍‌ଏସିରେ ମଧ୍ୟ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ଉପ ଜିଲାପାଳଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ପରିମଳ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସୁଧାର ଆସୁନାହିଁ। ତେଣୁ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଗୁରୁବାର ଠାରୁ ପରିମଳ ବ୍ୟବସ୍ଥା ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ଦୈନନ୍ଦିନ ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ କର୍ମଚାରୀ ଏନ୍‌ଏସିର ବିଭିନ୍ନ ୱାର୍ଡକୁ ଯାଇ ଲୋକଙ୍କ ସହ କଥା ହେବାସହ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଯେଉଁଠି ତ୍ରୁଟି ଥିବା ଅନୁମାନ କରାଯାଉଛି, ତୁରନ୍ତ ତାହାର ସମାଧାନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ପରିମଳ ବ୍ୟବସ୍ଥାରେ ସୁଧାର ଆସିବା ଆଶା କରାଯାଉଛି।

# ଶେରଗଡ଼ ତହସିଲ କାର୍ଯ୍ୟ ସମୀକ୍ଷା କଲେ ଆର୍‌ଡିସି



ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି ଆର୍‌ଡିସି।

ଶେରଗଡ଼,୨।୮(ଡି.ଏନ.ଏ.)

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପନ୍ନା ଆଓ ଶୁକ୍ରବାର ଶେରଗଡ଼ ତହସିଲ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଶେରଗଡ଼, ଧନନ୍ତର, ଗୋବିନ୍ଦପୁର ରାଜସ୍ୱ ସର୍କଲର ବହୁ ଲୋକଙ୍କୁ ଆର୍‌ଡିସି ପଟ୍ଟା ବଣ୍ଟନ କରିଥିଲେ। ଏହାପରେ ଆର୍‌ଡିସି ତହସିଲଦାରଙ୍କ ପ୍ରକୋଷ୍ଠରେ ତହସିଲ କାର୍ଯ୍ୟର ସମୀକ୍ଷା କରିଥିଲେ। ଲୋକମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ଜନସେବା କେନ୍ଦ୍ରଗୁଡିକ ଯାଞ୍ଚ କରି ଲୋକଙ୍କୁ ଦିଆଯାଉଥିବା ସେବା ଉପରେ ନଜର ରଖିବାକୁ କହିଥିଲେ। ସମୀକ୍ଷା ସମୟରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ବିଭିନ୍ନ ଜମିଜମା ରେଜିଷ୍ଟ୍ରେସନ ଉପରେ ପଚାରି ବୁଝିଥିଲେ। ଉକ୍ତ ସମୀକ୍ଷା ସମୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଆଶୋକ କୁମାର ମଲ୍ଲିକଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ, ସବ୍‌ରେଜଷ୍ଟ୍ରାର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୬୯ ଶିଶୁ ଶ୍ରମିକ ଉଦ୍ଧାର

ଛତ୍ରପୁର,୨।୮(ଡି.ଏନ.ଏ)

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଜୁଲାଇ ୩୦ରୁ ପରୀ-୩ ଆରମ୍ଭ ହୋଇଛି । ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସ୍ପେଶାଲ ଡ୍ରାଇଭରେ ୩ ଦିନ ମଧ୍ୟରେ ୬୯ ଶିଶୁ ଶ୍ରମିକଙ୍କୁ ସ୍ଥାନୀୟ ଥାନା ପୋଲିସ ପକ୍ଷରୁ ଉଦ୍ଧାର କରାଯାଇଥିବା ଏସପିଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଏହି ଶିଶୁମାନଙ୍କୁ ବିଭିନ୍ନ ହୋଟେଲ, ଢାବା, ଗ୍ୟାରେଜ୍, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଉଦ୍ଧାର ଶିଶୁ ମାନଙ୍କୁ ବ୍ରହ୍ମପୁରସ୍ଥିତ ସିଡବ୍ଲ୍ୟୁସି (ଶିଶୁ କଲ୍ୟାଣ କମିଟି) ଆଗରେ ହାଜର କରାଯାଇଛି।

# କୋଠଗୃହ ବିଲ୍ ନ ହେବାରୁ ଏନ୍‌ଏସି ଗେଟରେ ତାଲା

ଗଞ୍ଜାମ,୨।୮(ଡି.ଏନ.ଏ.)




ଏନ୍‌ଏସି ଗେଟ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ଗଞ୍ଜାମ ଏନ୍‌ଏସି**

ଗଞ୍ଜାମ ଏନ୍‌ଏସି କାର୍ଯ୍ୟାଳୟରେ ଶୁକ୍ରବାର ଦିନତମାମ ଉତ୍ତେଜନା ଲାଗି ରହିଥିଲା। କୋଠଗୃହ ବିଲ୍ ନ ହେବାରୁ ଦାମୋଦରପୁର ଗ୍ରାମବାସୀ ଏନ୍‌ଏସି ଅଫିସ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଭାରପ୍ରାପ୍ତ) ପହଞ୍ଚିବା ପରେ ଆଲୋଚନା ହୋଇ ୭ଦିନ ମଧ୍ୟରେ ବିଲ୍ ପୈଠ ପାଇଁ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବାପରେ ତାଲା ଖୋଲା ଯାଇଥିଲା।

ପ୍ରକାଶ ଯେ, ଦାମୋଦରପୁର ଗ୍ରାମ ୱାର୍ଡ ନଂ.୧୧ ଓ ୧୨ରେ ଦୁଇଟି କୋଠଗୃହ ନିର୍ମାଣ ପାଇଁ ଛତ୍ରପୁର ପୂର୍ବତନ ବିଧାୟକଙ୍କ ନିଜସ୍ୱ ଫଣ୍ଡରୁ ୨୦୧୭-୧୮ରେ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ଏହାର କାର୍ଯ୍ୟାଦେଶ ସେହି ଗ୍ରାମର ଡି. ବସନ୍ତ ରେଡ୍ଡୀ ଓ ଅଭିରାମ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ୱାର୍ଡ ନଂ.୧୧ର କୋଠଗୃହ ନିର୍ମାଣ କାମ ୬ ମାସ ହେଲା ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୨ର ଛାତ ଲେବଲ ଯାଏ କାମ ସରିଛି। ପ୍ରଥମ ବିଲ୍ ବାବଦକୁ ୪୦ ହଜାର ଲେଖାଏଁ ଟଙ୍କା ମିଳିଛି। ବଳକା ଟଙ୍କା ପାଇଁ ବସନ୍ତ ଓ ଅଭିରାମ ବାରମ୍ବାର ଏନ୍‌ଏସିକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗୁରୁବାର ଏନ୍‌ଏସି ଆସି ବିଲ୍ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ (ଭାରପ୍ରାପ୍ତ) ସୁନିଲ କୁମାର ଗୁଡୁଙ୍କୁ ପଚାରିଥିଲେ। ନିର୍ବାହୀ ଅଧିକାରୀ ସେତେବେଳେ ତାଙ୍କୁ ଦୁର୍ବ୍ୟବହାର କରିଥିବା ପି. କ୍ରିଷ୍ଣା ରେଡ୍ଡୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଏନ୍‌ଏସି ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ଅତିରିକ୍ତ ତହସିଲଦାର ସନାତନ ମାହାଲିକ, ଗଞ୍ଜାମ ଥାନା ଅଧିକାରୀ ସୁଦାମ ମଲିକ ଓ ଏସ୍‌ଆଇ ହୃଷିକେଶ ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ପରେ ଗେଟ ତାଲା ଖୋଲା ଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ପହଞ୍ଚିବାପରେ ଉତ୍ୟକ୍ତ ଲୋକେ ହୋହଲ୍ଲା କରିଥିଲେ। ଅଞ୍ଚଳବାସୀ ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆଲୋଚନା ହୋଇଥିଲା। ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ବିଲ ପୈଠ କରାଯିବ ବୋଲି ଇଓ ଗୁଡୁ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ବ୍ୟବହାରନେଇ ଇଓ ଗୁଡୁଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ।

## ■ ଚାଇଲ୍ଡ ଲାଇନ ପକ୍ଷରୁ ଚଢ଼ାଉ

# ବେଆଇନ ଛାତ୍ରାବାସରୁ ୭୧ ଶିଶୁ ଉଦ୍ଧାର

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨।୮(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଏବଂ ଗଦାପୁର ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ଛାତ୍ରାବାସ ଉପରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣଙ୍କ ନେତୃତ୍ୱରେ ସିଡବ୍ଲ୍ୟୁସି କଳ୍ପନା ମହାନ୍ତି, ଶିବ ଶଙ୍କର ବେହେରା, ରାଜଲକ୍ଷ୍ମୀ ମହାକୁଡ଼, ସୁନିଲ ପ୍ରଧାନ, ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଗଦାପୁର ଅଞ୍ଚଳରେ ଦୀର୍ଘବର୍ଷ ଧରି ଚାଲିଥିବା ଛାତ୍ରାବାସରେ ଚଢାଉ କରି ୧୧ ଛାତ୍ର ଓ ୭ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ବ୍ରାହ୍ମଣୀଗାଁରେ ପହଞ୍ଚି ଜୀବନଜ୍ୟୋତି଼ ଛାତ୍ରାବାସରୁ ୫୦ ଛାତ୍ର ଓ ୩ ଛାତ୍ରୀଙ୍କୁ ଉଦ୍ଧାର କରି ଫୁଲବାଣୀ ସିଡବ୍ଲ୍ୟୁସି କାର୍ଯ୍ୟାଳୟକୁ ନିଆଯାଇଛି। ଏଥିରେ ବ୍ରାହ୍ମଣୀଗାଁ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ସହଯୋଗ କରିଥିଲେ।

ପ୍ରକାଶ ଯେ, ବ୍ରାହ୍ମଣୀଗାଁଠାରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଇମାନୁଏଲ ନାମରେ ଏହି ହଷ୍ଟେଲ ଚାଲିଥିଲା। ଜିଲା ପ୍ରଶାସନ ୨୦୧୬ରେ ଏହାର ଅଧକ୍ଷ ଜିତେନ୍ଦ୍ର ହରପାଲଙ୍କୁ ହଷ୍ଟେଲ ବନ୍ଦ କରିବାକୁ ନୋଟିସ ଦେଇଥିଲା। କିନ୍ତୁ ଏହାକୁ ବନ୍ଦ ନକରି ନାମପରିବର୍ତ୍ତନ କରି ଜୀବନଜ୍ୟୋତି ହଷ୍ଟେଲ ନାମରେ ଚଳାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ କହିଛନ୍ତି। ସେ କହିଛନ୍ତି ଯେ, ଉଦ୍ଧାର ଛାତ୍ରୀଛାତ୍ରଙ୍କୁ ଦୁଇଓଳା ଭଲରେ ଖାଇବାକୁ ଦିଆଯାଉ ନ ଥିଲା। ଛାତ୍ରୀମାନଙ୍କୁ ଘର କାମ ଓ ଛାତ୍ର ମାନଙ୍କୁ ଚାଷ କାମରେ ନିୟୋଜିତ କରାଯାଉଥିଲା। ଏନେଇ ହଷ୍ଟେଲ ପରିଚାଳକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସମସ୍ତ ଉଦ୍ଧାର ଛାତ୍ରୀଛାତ୍ରଙ୍କୁ ଏକ ବସ୍‌ରେ ଫୁଲବାଣୀ ନିଆଯାଇଛି।

## ■ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକୁ ବିରୋଧ

# ବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର



ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ରମାନେ ବାହାରେ ଛିଡା ହୋଇଛନ୍ତି।

ଶଙ୍କରାଖୋଲ,୨।୮(ଡି.ଏନ.ଏ.)

ଶଙ୍କରାଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ଗେଟ ସମ୍ମୁଖରେ ଗୁରୁବାର ସକାଳେ ଛାତ୍ରୀଛାତ୍ର ତାଲା ପକାଇ ବିକ୍ଷୋଭ କରିଥିଲେ। ପ୍ରତିଦିନ ଛାତ୍ରୀଛାତ୍ର ରାଜପଥ ଅତିକ୍ରମ କରି ମଧ୍ୟାହ୍ନ ଭୋଜନ ଖାଇବାକୁ ଉଚ୍ଚ ବିଦ୍ୟାଳୟକୁ ଯାଉଛନ୍ତି। ପ୍ରଧାନଶିକ୍ଷକ ଜଗନ୍ନାଥ ସାହାଣୀଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଅଗଷ୍ଟ ୧ରୁ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ରହିବ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢାଯିବା ସହ ମଧ୍ୟାହ୍ନ ଭୋଜନ ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଉଚ୍ଚ ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଛାତ୍ରୀଛାତ୍ର ପରିବେଶ ଭଲ ନ ଥିବାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯିବୁ ନାହିଁ ବୋଲି ଅଡିବସି ବିକ୍ଷୋଭ କରିଥିଲେ। ପ୍ରଧାନଶିକ୍ଷକ ପହଞ୍ଚି ତାଲାଭାଙ୍ଗି ବିଦ୍ୟାଳୟ ଖୋଲିଥିଲେ।

# ୧୩ ଶିଶୁ ଶ୍ରମିକ ଉଦ୍ଧାର

**ଜି.ଉଦୟଗିରି/ତୁମୁଡିବନ୍ଧ,୨।୮(ଡି.ଏନ.ଏ.)** ଅପରେଶନ ପରୀ-୩ରେ ଜି.ଉଦୟଗିରି ଓ ତୁମୁଡିବନ୍ଧ ପୋଲିସ ଶୁକ୍ରବାର ଚଢାଉ କରି ୧୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଜି.ଉଦୟଗିରି ପୋଲିସ ଚଢାଉ କରି ୭ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲା ବୁଗୁଡା ଥାନା ଅଞ୍ଚଳର ୨ଜଣ, ଭଞ୍ଜନଗର ଥାନା ଅଞ୍ଚଳର ୨ ଜଣ, ଫିରିଙ୍ଗିଆ ଥାନା ଅଞ୍ଚଳର ଜଣେ ଓ ବିହାର ଦରଭଙ୍ଗା ଜିଲାର ଜଣେ ରହିଛନ୍ତି। ତୁମୁଡିବନ୍ଧ ଥାନା ଅଧିକାରୀ ବାବାଶଙ୍କରା ସରାଫ ଓ ଏଏସ୍‌ଆଇ ଯୁଗଳ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ଚଢାଉ କରାଯାଇ ୨ ଶିଶୁ ଶ୍ରମିକ ଓ ରାସ୍ତା କାମ କରୁଥିବା ଠିକା ସଂସ୍ଥାରେ ଚଢାଉ କରାଯାଇ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା।

# ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ



ବିଚାରପତି ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**ଫୁଲବାଣୀ ଅଫିସ, ୨।୮**

ଫୁଲବାଣୀ ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ ଏକ ପ୍ରାକ-ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଜିଲା ଦୌରା ଜଜ୍ ଗୌତମ ଶର୍ମା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି କେନ୍ଦ୍ରରେ ଜିଲାର ସମସ୍ତ ବୈବାହିକ ବିବାଦ ସମେତ ବ୍ୟବସାୟିକ ତଥା ଅନ୍ୟାନ୍ୟ ବିବାଦ ଆପୋଷ ବୁଝାମଣା ଜରିଆରେ ମକଦ୍ଦମା ପୂର୍ବରୁ ସମାଧାନ କରାଯିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଜିଲା ଫ୍ୟାମିଲି କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ ଉପସ୍ଥିତ ଥିଲେ ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଅଗଷ୍ଟ ୩ /୨୦୧୯ Rayagada, Saturday, August 3/ 2019

# ନବରଙ୍ଗପୁରରେ ବର୍ଷା ବିପ୍ରାତ

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ମାରି ଜଣେ ଗିରଫ

**ନବରଙ୍ଗପୁର, ୨।୮(ବି.ପ୍ର.)** ଗଣ୍ଡଗୋଳ କରିବା ସହ ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ନବରଙ୍ଗପୁର ଥାନା ଅଧୀନ ପଖନାଗୁଡ଼ା ଗାଁର ବଞ୍ଚାବିନ କଟିମକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, କୌଣସି କାରଣରୁ ବଞ୍ଚାବିନ ଓ ସେହି ଗାଁର ବନୀତା ହରିଜନଙ୍କ ମଧରେ ଝଗଡ଼ା ହୋଇଥିଲା। ଏଥିରେ ବଞ୍ଚାବିନ ଉତ୍ତ୍ୟକ୍ତ ହୋଇ ସବିତାଙ୍କୁ ମାଡ଼ ମାରିଥିଲେ। ସବିତାଙ୍କ ଭାଇ ବାବୁନା ଏହାର ପ୍ରତିବାଦ କରିବାରୁ ବଞ୍ଚାବିନ ତାଙ୍କୁ ମଧ ମାଡ଼ ମାରିଥିଲେ। ଏ ନେଇ ସବିତା ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୫୪/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଏଏସ୍ଆଇ ବଟକୃଷ୍ଣ ଗୌଡ କହିଛନ୍ତି।

### ଡିଟିପି ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ପାରଳାଖେମୁଣ୍ଡି, ୨।୮ (ସ୍ୱ.ପ୍ର.)** ସହରସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ କେନ୍ଦ୍ର ସମ୍ମିଳନୀ ଗୃହରେ ଶୁକ୍ରବାର ଡେସ୍କଟପ୍ ପବ୍ଲିସିଂ(ଡିଟିପି) ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ କିଶୋର ନାୟକ ଏବଂ ନାବାର୍ଡ ଅଧିକାରୀ ଏସ୍. ପାଲ୍ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜୀବିକା ମିଶନ୍‌ର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଡି. ମିଦୁଲି ଉପସ୍ଥିତ ଥିଲେ। ତାଲିମ ପ୍ରତିଷ୍ଠାନର ଅଚ୍ୟୁତାନନ୍ଦ ବ୍ରହ୍ମା କାର୍ଯ୍ୟକ୍ରମରେ ଅଧକ୍ଷତା କରି ସମସ୍ତ ତାଲିମ ଗ୍ରହଣକାରୀଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, କଠିନ ପରିଶ୍ରମ ଦ୍ୱାରା ସ୍ୱାବଲମ୍ବୀ ଓ ସ୍ୱାଧୀନଭାବେ ଚଳିପାରିବେ। ୪୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଜିଲ୍ଲାର ୩୨ଜଣ ବେକାର ଯୁବକ ଯୁବତୀ ଯୋଗ ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପାଠ୍ୟ ସଂଯୋଜକ ଦିଲୀପ କୁମାର ତନ୍ତି ପରିଚାଳନା କରୁଛନ୍ତି।

## ଜଟାବାଲ-ସରାଗୁଡ଼ା ଯୋଗାଯୋଗ ବିଚ୍ଛିନ୍ନ



ଜଟାବାଲ-ସରାଗୁଡ଼ା ରାସ୍ତା ପୋଲ ଉପରେ ପାଣି।

**ପାପଡାହାଣ୍ଡି,୨।୮(ଡି.ଏନ୍.ଏ.)**

### ପୋଲ ଉପରେ ପାଣି

ଦୁଇ ଦିନର ଲଗାଣ ବର୍ଷାରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରବଳ ବର୍ଷା ଯୋଗୁ ଲୋକେ ଘରୁ ବାହାରିବା ମୁସ୍କିଲ। ବର୍ଷା ଯୋଗୁ କିଛି ଘରେ ପାଣି ପଶିଥିବା ବେଳେ କେତେକ ଘର କାନ୍ଥ ଭାଙ୍ଗି ଯାଇଛି। ସେପଟେ ତୁରି ନଦୀ ଦୁଇ କୂଳ ଲଘିଂବାରେ ଲାଗିଛି। ଗୁରୁବାର ସନ୍ଧ୍ୟାରୁ ବର୍ଷା ଲାଗି ରହିଛି। ପୋଲ ଉପରେ ପାଣି ଚାଲୁଥିବାରୁ ଜଟାବାଲ-ସରାଗୁଡା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପାପଡାହାଣ୍ଡି ସଦର ମହକୁମାସ୍ଥିତ ଈଶ୍ୱର ଭତରାଙ୍କର ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ପରିବାର ଲୋକେ ଅନ୍ୟମାନଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ବ୍ଲକର ଖୁଟୁବାଇ ପଞ୍ଚାୟତ ଦାମାପାଲା ଗ୍ରାମର ପାନମତି ହରିଜନଙ୍କ ଘର କାନ୍ଥ ବର୍ଷାରେ ଭାଙ୍ଗିଯାଇଛି। ମୋକିଆ ପଞ୍ଚାୟତ ସଦର ମହକୁମାରେ ଭି ରାଜୁ ରାଓଙ୍କ ଘର ଭାଙ୍ଗିଥିବା ବେଳେ ପି ବାସୁ, ପିଣ୍ଟୁ ହରିଜନ, ସତ୍ୟଭାମା ସିଂ, ପି ଭେଙ୍କଟେଶ୍ୱର ରାଓ ଓ ନରହରି ସୌରଙ୍କ ଘରେ ପାଣି ପଶିଛି। ବର୍ଷା ଯୋଗୁ ଜମିରେ ପାଣି ଜମି ରହୁଥିବାରୁ ବହୁ ସ୍ଥାନରେ ଚାଷ କାମ ଅଟକି ରହିଛି। ସେହିଭଳି ବର୍ଷା ଯୋଗୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମହିଳା ୱାର୍ଡ ଛାତରୁ ପାଣି ଗଳିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚଟାଣରେ ପାଣି ଚାଲିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ହଇରାଣ ହୋଇଥିଲେ। ବ୍ଲକରେ ୫୭ ମି.ମି ବର୍ଷା ହୋଇଥିବା ସୂଚନା ମିଳିଛି।

## ହାଟପଦା, ପାଇକ ସାହିରେ ପଶିଲା ପାଣି

### ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଲେ ଅଞ୍ଚଳବାସୀ

ପାପଡ଼ାହାଣ୍ଡିରେ ଲଗାଣ ବର୍ଷା ଯୋଗୁ ପାଇକ ସାହି ଏବଂ ହାଟପଦା ସାହିର ଘରେ ଘରେ ପାଣି ପଶିବା ସହ ଅଧିକାଂଶ ଘରର କାନ୍ଥ ଭାଙ୍ଗିଯାଇଛି। ଫଳରେ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଶୁକ୍ରବାର ସେମାନେ ନବରଙ୍ଗପୁର ଜିଲାପାଳଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରକାଶ ଯେ, ପ୍ରାୟ ପାଇକ ସାହି ଏବଂ ହାଟପଦା ସାହିରେ ୮୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। କିନ୍ତୁ ପ୍ରତିବର୍ଷ ବର୍ଷାରେ ରିଜର୍ଭ ଜଙ୍ଗଲର ପାଣି ଏହି ଦୁଇ ସାହିରେ ପଶେ। ଏହାଦ୍ୱାରା ଆସବାବପତ୍ର ନଷ୍ଟ ହେବାସହ ମାଟି ଘର କାନ୍ଥ ଭୁଶୁଡ଼ି ପଡେ। ଚଳିତ ବର୍ଷ ସବିତା ପାଇକ, କମଲୁ ଗୌଡ଼, ଶ୍ରୀମତୀ ଭତ୍ରା, କୁନି ହରିଜନ, ମୀରା ପାଇକ, ଜୟନ୍ତୀ ନାୟକ, ଲଳିତା ପାଇକ, କୁନୁ ନାୟକ, ରାଧା ହରିଜନ ଏବଂ ବୈଦି ସତନାମୀଙ୍କ ଘର କାନ୍ଥ ଭୁଶୁଡି ବିଭିନ୍ନ ଅସବାବପତ୍ର ନଷ୍ଟ ହୋଇଯାଇଛି। ସାହି ବାସିନ୍ଦା ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ନବରଙ୍ଗପୁର ଜିଲାପାଳଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ପଲିଥିନ୍ ଯୋଗାଇ ଦେବାକୁ ତହସିଲଦାରଙ୍କୁ କୁହାଯାଇଛି। ଯେଉଁମାନଙ୍କ ଘର ଭାଙ୍ଗିଛି, ସେମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ ସ୍ପେସିଆଲ ଫଣ୍ଡରୁ ବିଜୁପକ୍କା ଘର ଦେବାର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପାଇକ ସାହି ଏବଂ ହାଟପଦା ସାହିବାସିନ୍ଦା ।

## ବର୍ଷାରେ ଭାଙ୍ଗିଲା ଘର

**ଚନ୍ଦାହାଣ୍ଡି,୨।୮(ଡି.ଏନ୍.ଏ.)**



ବର୍ଷାରେ ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ପୂଜାରୀଗୁଡ଼ା ଗ୍ରାମର ବୀରସିଂ ସୁନାନୀ ଙ୍କ ଘର ଭୁଶୁଡି ପଡିଛି। ମାଟି ଘର କାନ୍ଥ ଅଧା ଭୁଶୁଡି ଯାଇଥିବା ବେଳେ ଘରଟି ବିପଦସଙ୍କୁଳ ଭାବେ ରହିଛି। କେତେବେଳେ ଯେ ସମ୍ପୁର୍ଣ୍ଣ ଘରଟି ଭାଙ୍ଗିଯାଇ ପାରେ । ବୃଦ୍ଧ ଦମ୍ପତି ଏବେ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଘରଭଡା ସହାୟତା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଦେବା ପାଇଁ ସେ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିବା ସେମାନେ କହିଛନ୍ତି। ଶରଧାପୁର ପଞ୍ଚାୟତ ଅଧୀନ ଜାମପଡା ଗ୍ରାମର ଭୁବେନଶ୍ୱର ବଗର୍ତ୍ତୀଙ୍କ ଘର ମଧ ଲଘୁଚାପ ବର୍ଷାରେ ଭାଙ୍ଗିଯାଇଥିବା ସୂଚନା ମିଳିଛି।

## କାନ୍ଥ ପଡି ବୃଦ୍ଧ ମୃତ

**ଡାବୁଗାଁ, ୨।୮ (ଡି.ଏନ୍.ଏ.)-**

ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ପଡିବାରୁ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ସେ ହେଲ ଡାବୁଗାଁ ବ୍ଲକ ଜବାଗୁଡା ପଞ୍ଚାୟତ ଅଧୀନ ଦରଗୁଲା ଗ୍ରାମର ଅନୁ ଗୌଡ (୮୦)। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ୪ଟାରେ ଅନୁ ଘରେ ବସି ନିଆଁ ସେକି ହେଉଥିଲେ। ହଠାତ ଘରର କାନ୍ଥ ଭୁଶୁଡ଼ି ପଡିଥିଲା। ଏଥିରେ ଅନୁ ମାଟି ତଳେ ଚାପି ହୋଇ ରହି ଯାଇଥିଲେ। ପରିବାର ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଖବରପାଇ ଡାବୁଗାଁ ଅତିରିକ୍ତ ତହସିଲଦାର ସୁବାସ ପୂଜାରୀ, ରାଜସ୍ୱ ପରିଦର୍ଶକ ମଙ୍ଗଳୁ ବେସ୍ରା, ରାଜସ୍ୱ ନିରିକ୍ଷକ ସାଗର ଖୁଣ୍ଟିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଜବାଗୁଡା ସରପଞ୍ଚ ଗୋବର୍ଦ୍ଧନ ଭତ୍ରା ମଧ ଘଟଣାସ୍ଥଳରେ ପହଞ୍ଚି ହରିଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି।

■ ଅନ୍ଧବିଶ୍ୱାସ ଦୂର ପାଇଁ ସଚେତନତା ବାର୍ତ୍ତା

## 'ଚେଙ୍କ ଏକ ଚିକିତ୍ସା ନୁହେଁ'

**ନବରଙ୍ଗପୁର,୨।୮(ବି.ପ୍ର.)**

ଚେଙ୍କ ଏକ ଚିକିତ୍ସା ନୁହେଁ। କାହାକୁ ଚେଙ୍କ ଦେବା ଏହା ଆଇନ ସଙ୍ଗତ ମଧ ନୁହେଁ ବୋଲି ବିଭିନ୍ନ ଗାଁ ବୁଲି ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଲୋକଙ୍କୁ ସଚେତନ କରିଛନ୍ତି। ପାପଡାହାଣ୍ଡି ବ୍ଲକ ସଦର ମହକୁମା ଭୀମା ସାହିରେ ଗତବର୍ଷ ଚିତାଲାଗି ଅମାବାସ୍ୟାରେ ୪୦ ଜଣ ଶିଶୁଙ୍କୁ ଜଣେ ବ୍ୟକ୍ତି ଚେଙ୍କ ଦେଇଥିଲେ। ଚଳିତ ବର୍ଷ ଏଭଳି ଘଟଣାକୁ ଏଡାଇବାକୁ ପବ୍ଲିକ ହେଲ୍‌ଥ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଭିମା ସାହିରେ ଏକ ଶିଶୁ ଗୃହ ସ୍ଥାପନ କରାଯାଇଛି। ଶିଶୁମାନଙ୍କୁ ଚେଙ୍କ ନ ଦେବା ପାଇଁ ଶିଶୁ ଗୃହ କମିଟି ସଚେତନ କରିଛି। ଦୁଇ ଦିନ ପୂର୍ବରୁ ସାହିରେ ବୁଲି ପିଲାମାନଙ୍କୁ ଚେଙ୍କ ନ ଦେବାକୁ ସେମାନେ ସଚେତନ କରିଥିଲେ। ଗତ ବର୍ଷର ଚେଙ୍କ ଘଟଣା ପରେ ପ୍ରତ୍ୟେକ ମାସରେ ବୈଠକ କରାଯାଇ ଚେଙ୍କ ଚିକିତ୍ସା ଦ୍ୱାରା କିଏ ମଧ ଯେମିତି ପ୍ରଭାବିତ ହେବେ ନାହି ସେ ନେଇ ଆଲୋଚନା କରାଯାଇଥିଲା । ଶିଶୁ ଗୃହର କର୍ମକର୍ତ୍ତା ମାନଓ କଟା, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଚନ୍ଦ୍ରମା ମହାରଣା, ସୁପରଭାଇଜର ଲଳିତା ମାଝି, ଜ୍ୟୋସ୍ନା ମହାରଣା, ମତେଇ ଭତ୍ରା, ସ୍ୱାସ୍ଥ୍ୟ କର୍ମୀ କ୍ରିଷ୍ଣା ସାମଲ, ଚଇଲ୍ଡ ଲାଇନ କର୍ମୀ ଟଙ୍କ ଜାନୀ, ଆଶା କର୍ମୀ ନିନିମା ମାଜୀ, ହେମଲତା ମାଝି, ଶେଷ ଦେବ ମହାରଣା ଲୋକଙ୍କୁ ସଚେତନ କରିଥିଲେ।



ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀମାନେ ଲୋକଙ୍କୁ ସଚେତନ କରୁଛନ୍ତି।

## ୪ ଦିନରେ ଭାଙ୍ଗିଲା ୯୪ ଘର

**ନବରଙ୍ଗପୁର, ୨।୮ (ବି.ପ୍ର.)**

ନବରଙ୍ଗପୁର ବ୍ଲକରେ ୬୬.୬, ନନ୍ଦାହାଣ୍ଡି ୪୫, ତେନ୍ତୁଳିଖୁଣ୍ଟିରେ୯, ପାପଡାହାଣ୍ଡି ୫୭, କୋଷାଗୁମୁଡା ୬୯.୬, ଡାବୁଗାଁ ୨୩, ରାଇଘର ୫.୦, ଝରିଗାଁ ୩.୦ ମିମି ବର୍ଷା ହୋଇଛି। ଉମରକୋଟ ଓ ଚନ୍ଦାହାଣ୍ଡିରେ ବର୍ଷା ହୋଇ ନାହିଁ। ୧ ଓ ୨ ତାରିଖ ଦିନ ଲଗାଣ ବର୍ଷାରେ କୋଡିଙ୍ଗା ତହସିଲ ଅଞ୍ଚଳରେ ୩୧ ଓ ନବରଙ୍ଗପୁର ତହସିଲ ଅଞ୍ଚଳରେ ୮ଟି ଘର ଭାଙ୍ଗିଛି । ସେହିଭଳି ୩୦ ତାରିଖ ରିପୋର୍ଟ ଅନୁଯାଇ ନନ୍ଦାହାଣ୍ଡି ତହସିଲ ଅଞ୍ଚଳରେ ୫, ନବରଙ୍ଗପୁର ୨୮, ତେନ୍ତୁଳିଖୁଣ୍ଟି ୧୪ ଓ କୋଡିଙ୍ଗା ତହସିଲ ଅଧିନରେ ୧୮ଟି ଘର ଆଶିଂକ ଭାଙ୍ଗି ଥିବା ଜିଲା ଜରୁରୀକାଳୀନ କାର୍ଯ୍ୟାଳୟରୁ ଜଣାପଡିଛି।

## ପୋଖରୀରେ ବୁଡି ଯୁବକ ମୃତ

**ଡାବୁଗାଁ, ୨।୮ (ଡି.ଏନ୍.ଏ.)-** ଡାବୁଗାଁ ବ୍ଲକ ଚଟରାଗୁଡା ପଞ୍ଚାୟତ ଅଧୀନ ବରଗୁଡା ଗାଁର ହିତେଶ୍ୱର ଜାନି(୩୬) ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଗୁରୁବାରଠାରୁ ସେ ନିଖୋଜ ଥିବା ନେଇ ଶୁକ୍ରବାର ସକାଳେ ଡାବୁଗାଁ ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ପୋଲିସ ଖୋଜାଖୋଜି କରି ପୋଖରୀରୁ ହିତେଶଙ୍କ ମୃତଦେହ ଉଦ୍ଧାର କରି ଛି । ସୂଚନାନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ହିତେଶ୍ୱର ନିଜ ଧାନ ଜମିରେ କାମ କରୁଥିଲେ। ପୋଖରୀରୁ ଧାନ ତଳି ଆଣି ଗୁଆଲିଙ୍କୁ ଯୋଗାଉ ଥିଲେ। ମଧାହ୍ନରେ ଧାନ ତଳି ଆଣିବା ପାଇଁ ପୋଖରୀକୁ ଯାଇ ସେ ଆଉ ଫେରି ନ ଥିଲେ। ଏହାପରେ ପରିବାର ଲୋକେ ଓ ଅନ୍ୟମାନେହିତେଶ୍ୱରଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ତେଣୁ ଶୁକ୍ରବାର ତାଙ୍କ ସାନ ଭାଇ ନରେନ୍ଦ୍ର ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବ୍‌ଇନ୍ସପେକ୍ଟର ଫକୀର ମୋହନ ଖୋରା ଓ ଡାବୁଗାଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ। ଏହି ସମୟରେ ସେମାନେ ହିତେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନା ୨୮/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତି ନାହିଁ।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମିଳିବ ଚାକିରି, କ୍ଷତିପୂରଣ ରାଶି

କୋରାପୁଟ,୨।୮(ସ୍ୱ.ପ୍ର.): କୋରାପୁଟ ଉପକଣ୍ଠ ଆଇଆରବି ବାଟାଲିୟନଠାରେ ଗୁରୁବାର ବସ୍ ଓ ବାଇକ୍ ମଧ୍ୟରେ ହୋଇଥିବା ଦୁର୍ଘଟଣାରେ ମୃତ ମନୋଜ ମହାନନ୍ଦିଆଙ୍କ ପରିବାରକୁ ଚାକିରି ଓ କ୍ଷତିପୂରଣ ରାଶି ମିଳିବ। ଦୁର୍ଘଟଣା ଘଟାଇଥିବା ବସ୍‌ର ମାଲିକ ତଥା ଜୟପୁର ହାଇଟେକ କଲେଜ କର୍ତ୍ତୃପକ୍ଷ କ୍ଷତିପୂରଣ ବାବଦରେ ନଗଦ ୪୦ ହଜାର ଟଙ୍କା ଓ ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦେବା ପ୍ରତିଶ୍ରୁତି ଦେବା ପରେ ୨୬ ନମ୍ବର ଜାତୀୟ ରାଜପଥରେ ଚାଲିଥିବା ଆନ୍ଦୋଳନ ଗୁରୁବାର ରାତିରେ ହଟିଥିଲା। ସେହିପରି ମୃତକଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟ ତହସିଲଦାର ନେହେରୁ ମାଝି ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

### ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି



ଚାନ୍ଦିଲି (କୋଟପାଡ଼)୨।୮(ଡି.ଏନ୍.ଏ.): କୋଟପାଡ଼ରେ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସମିତିର ସଭାପତି ତଥା ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ଓକିଲ ସଂଘ ସଭାପତି ମଣିପ୍ରସାଦ ପଟ୍ଟନାୟକ, ପ୍ରେସ କ୍ଲବ ସଭାପତି ପଙ୍କଜ କୁମାର ପାତ୍ର, ପୂର୍ବତନ ନଗରପାଳ ଏମ୍. ଶଙ୍କର ରାଓ, ଉପାଧ୍ୟକ୍ଷ ବାପୁନ ତ୍ରିପାଠୀ, ସମିତିର ସଦସ୍ୟ ସୁଧୀର ମହାନ୍ତି, ପ୍ରକାଶ ଚନ୍ଦ୍ର ମହାନ୍ତି, ବାଳକୃଷ୍ଣ ବିଶୋଇ, ହେମନ୍ତ ପାତ୍ର, ରବୀନ୍ଦ୍ର ବିଶୋଇ, ସୁବାସ ରଥ, ପ୍ରଦୀପ ବକ୍ସି, ବାବୁଲି ନାୟକ ଙ୍କ ସମେତ ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପୋଲିସ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜନ ଓ ପରିଚାଳନଗତ ପ୍ରସ୍ତୁତି କରାଯାଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଏନଏସିସ୍ତରୀୟ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ।

# କେସିସି ବ୍ୟାଙ୍କ ଦୁର୍ନୀତିର ଖୋଳତାଡ଼ ଆରମ୍ଭ

## ■ ଅଭିଯୋଗକାରୀ, ଅଭିଯୁକ୍ତଙ୍କୁ ପଚରାଉଚୁରା କଲେ ଡିଆର୍‌ସିଏସ୍

ଜୟପୁର,୨।୮(ଡି.ଏନ୍.ଏ./ନି.ପ୍ର.)

ଜୟପୁରସ୍ଥିତ କୋରାପୁଟ କେନ୍ଦ୍ରିୟ ସମବାୟ (କେସିସି) ବ୍ୟାଙ୍କର ଜଣେ ଅଧିକାରୀ ୨୮କୋଟି ୮୪ ଲକ୍ଷ ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗ କରିଥିଲେ ଉକ୍ତ ବ୍ୟାଙ୍କର ଅନ୍ୟ ଜଣେ ଅବସରପ୍ରାପ୍ତ କର୍ମଚାରୀ। ଏହାକୁ ଆଧାର କରି ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେବା ପରେ ଜୟପୁରସ୍ଥିତ ଡେପୁଟି ରେଜିଷ୍ଟ୍ରାର (ଡିଆରସିଏସ୍) ଶୁକ୍ରବାର ଏହାର ଖୋଳତାଡ଼ ଆରମ୍ଭ କରିଛନ୍ତି।

ପୂର୍ବାହ୍ନରେ ସ୍ଥାନୀୟ ପାରାବେଡ଼ା ସ୍ଥିତ କାର୍ଯ୍ୟାଳୟରେ ଡିଆରସିଏସ୍ ସି.ଏଚ. ଭବାନୀପ୍ରସାଦ ଅଭିଯୋଗକାରୀ କେସିସି ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ଉମାକାନ୍ତ ରଥ ଓ ଅଭିଯୁକ୍ତ ଅବସରପ୍ରାପ୍ତ ଏଜିଏମ୍ ବିନୋଦ ଷଡ଼ଙ୍ଗୀଙ୍କୁ ଡକାଇ ତଦନ୍ତ କରିଥିଲେ। ଏଥିରେ ଅଭିଯୋଗକାରୀ ଦୁର୍ନୀତିରେ ସମ୍ପୃକ୍ତି ଥିବା ନେଇ ଦସ୍ତାବିଜ ଦେବା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ନିବେଦନ କରିଥିଲେ ଅଭିଯୁକ୍ତ। ତଦନ୍ତ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଅଭିଯୋଗକାରୀ ସମସ୍ତ କାଗଜପତ୍ର ଦାଖଲ କରିବା ପାଇଁ ସମୟ ମାଗିଛନ୍ତି। ଆସନ୍ତା ୧୭ ତାରିଖ ଅଭିଯୋଗ ସମ୍ପର୍କିତ ଦସ୍ତାବିଜ ଦାଖଲ କରିବା ପାଇଁ ତଦନ୍ତକାରୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ତଦନ୍ତ ଆଗକୁ ଯିବ ବୋଲି ଡିଆରସିଏସ୍ ଭବାନୀ ପ୍ରସାଦ କହିଛନ୍ତି।

**ଅଭିଯୋଗକାରୀଙ୍କୁ ନିର୍ଦ୍ଦେଶ**



■ ୧୭ ତାରିଖରେ ଅଭିଯୋଗ ସମ୍ପର୍କିତ ଦସ୍ତାବିଜ ଦାଖଲ କର

### ୨୮.୮୪ କୋଟି ଟଙ୍କାର ଦୁର୍ନୀତି

କୋରାପୁଟ ଜିଲା ଜୟପୁରସ୍ଥିତ କେସିସି ବ୍ୟାଙ୍କରୁ ଗତ ଜୁଲାଇ ୩୧ରେ ଅବସର ନେଇଥିଲେ ଏଜିଏମ୍ ବିନୋଦ ଷଡ଼ଙ୍ଗୀ। ସେ କାଳିମେଳା ଲ୍ୟାମ୍ପ ଓ ଏମ୍‌ଭି-୭୯ ଶାଖାରେ ଥିବାବେଳେ ୫.୨୫ କୋଟି, ପାପଡ଼ାହାଣ୍ଡି ଶାଖାର ମଇଦଲପୁର, କୋଷାଗୁମୁଡ଼ା, ପାପଡ଼ାହାଣ୍ଡି ଓ କୋଡିଙ୍ଗା ଲ୍ୟାମ୍ପ୍ସରେ ୧.୧୦ କୋଟି, ଉମରକୋଟ ଶାଖାରେ ଥିବାବେଳେ ଝରିଗାଁ ଓ ଚନ୍ଦାହାଣ୍ଡି ଲ୍ୟାମ୍ପ୍ସରୁ ୩.୨୩ କୋଟି, ମଣ୍ଡିରେ ଅଧିକ ଶ୍ରମିକ ପାଉଣା ବାବଦରେ ୪.୧୦ କୋଟି, ପାପଡ଼ାହାଣ୍ଡି ଶାଖାର ୮ ଜଣଙ୍କୁ ଦୁଇଥର ଲେଖାଏଁ ଅର୍ଥ ଦିଆଯିବାର ୦.୫୬ କୋଟି, ଗୋଟିଏ ବର୍ଷରେ ହୋଇଥିବା ୨ଥର ପଦୋନ୍ନତି ବାବଦରେ ୦.୭୨ କୋଟି, ୫୫ଟି ଲ୍ୟାମ୍ପ୍ସରେ ୨୫୫ ଜଣଙ୍କୁ ଚାକିରି ଦେବା ନାଁରେ ୧.୮୦ କୋଟି, କେସିସି ବ୍ୟାଙ୍କର ମରାମତି, କମ୍ପ୍ୟୁଟର କିଣା, କାଳିଆ ଯୋଜନା ବାବଦକୁ ୧.୨୦ କୋଟି, କେସିସି ବ୍ୟାଙ୍କ କର୍ମଚାରୀ କ୍ରେଡିଟ ସୋସାଇଟିର ୦.୭୮ କୋଟିକୁ ମିଶାଇ ସର୍ବମୋଟ ୨୮.୮୪ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଜୟପୁର ସଦର ବ୍ରାଞ୍ଚରେ ବ୍ୟାଙ୍କ ଆସିଷ୍ଟାଣ୍ଟ ଥିବା ଉମାକାନ୍ତ ରଥ ୩ ମାସ ତଳେ ଚାକିରିରୁ ଅବସର ନେବା ପରେ ସମବାୟ ବିଭାଗକୁ ଦୁର୍ନୀତି ବାବଦରେ ଦାବିପତ୍ର ଦେଇଥିଲେ। ସେ କହିଛନ୍ତି ଯେ, ଚାକିରିରେ ଥିବାବେଳେ ଏହି ଦୁର୍ନୀତି କଥା ବାହାରେ କହିଲେ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଅଭିଯୁକ୍ତ ଷଡ଼ଙ୍ଗୀ ଧମକ ଦେଉଥିଲେ। ସେଥିପାଇଁ ସେ କିଛି କରିପାରୁ ନଥିଲେ। ପରେ ତାଙ୍କ ଦାବିପତ୍ର ପରେ ଗତ ଜୁଲାଇ ୧୭ରେ ରିମାଇଣ୍ଡର ପତ୍ର ସଂଖ୍ୟା ୧୪୯୫୦ରେ ଜୟପୁର ଡିଆରସିଏସ୍ ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବା ପାଇଁ ଦର୍ଶାଇଥିଲେ ସମବାୟ ବିଭାଗ। ଏହା ସହ ବିନୋଦ ଷଡ଼ଙ୍ଗୀଙ୍କ ଅବସରକାଳୀନ ସମସ୍ତ ସୁବିଧା ବନ୍ଦ କରି ଦିଆଯାଇଛି। ଏନେଇ ଅଭିଯୁକ୍ତ ଅଧିକାରୀ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ପାପଡ଼ାହାଣ୍ଡିରେ ସେ ବ୍ୟାଙ୍କ ମ୍ୟାନେଜର ଥିବାବେଳେ ଅଭିଯୋଗ କ୍ରମେ ପୂର୍ବରୁ ଭିଜିଲାନ୍ସରେ ମାମଲା ହୋଇଥିଲା। କିନ୍ତୁ ଭିଜିଲାନ୍ସ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲା। ବିଭାଗୀୟ ତଦନ୍ତରେ ତାଙ୍କୁ କ୍ଲିନ ଚିଟ ମିଳିଛି। ଅନ୍ୟ ଅଭିଯୋଗର ସତ୍ୟାସତ୍ୟ ନେଇ କୌଣସି ପ୍ରମାଣ ନାହିଁ।

## ■ ଜିଲା କୃଷି ବିଭାଗର ଷ୍ଟ୍ରାଟେଜି କମିଟି ବୈଠକ

# ୨.୯୬ ଲକ୍ଷ ହେକ୍ଟରରେ ଖରିଫ ଚାଷ ଟାର୍ଗେଟ୍

କୋରାପୁଟ,୨।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଗୁରୁବାର ପୂର୍ବାହ୍ନରେ ଜିଲା କୃଷି ବିଭାଗର ଷ୍ଟ୍ରାଟେଜି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଜିଲାର ୨ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବା ଏଥିରେ ଜଣାପଡ଼ିଛି। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଖରିଫ-୨୦୧୯ରେ ହେବାକୁ ଥିବା ଚାଷ ସମ୍ପର୍କିତ ବିସ୍ତୃତ ଆଲୋଚନା ହୋଇଛି।

ଜିଲାରେ ଚଳିତ ବର୍ଷ ଡେରିରେ ବର୍ଷା ଆରମ୍ଭ ହୋଇଛି। କିନ୍ତୁ ଆରମ୍ଭ ହେବା ପରେ ଏଯାବତ୍ ଜିଲାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକରେ ଆଶାନୁରୂପ ବର୍ଷା ହୋଇଛି। ତେଣୁ ଜିଲାରେ ଚଳିତ ଖରିଫ ଚାଷ ପାଇଁ ରହିଥିବା ଟାର୍ଗେଟ୍ ହାସଲ କରାଯାଇପାରିବ ବୋଲି ଜିଲାପାଳ କହିଛନ୍ତି। ଏଥିପାଇଁ ବିଭିନ୍ନ ସାର ମହଜୁଦ ରଖିବା ସହ ଚାଷୀଙ୍କ ସୁଲଭ ଦରରେ ଯୋଗାଇବାକୁ ବିଭାଗୀୟ ଅଧିକାରୀ, ଲ୍ୟାମ୍ପ୍ସଗୁଡ଼ିକ ସେ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ଜିଲାର ମୋଟ ୨.୯୬ ଲକ୍ଷ ହେକ୍ଟରରେ ବିଭିନ୍ନ ପ୍ରକାର ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିରୁ ୯୯ ହଜାର ହେକ୍ଟର ଜମିରେ ଧାନ, ୨୧ ହଜାର ୧୦୦ ହେକ୍ଟରରେ ମକା, ୪୯୦ ହେକ୍ଟରରେ ଯଅ, ୧୧୧ ହେକ୍ଟରରେ ବାଜରା, ୫୮ ହଜାର ୩୫୦ ହେକ୍ଟରରେ ମାଣ୍ଡିଆ, ୧୨ ହଜାର ୧୧୦ ହେକ୍ଟରରେ କ୍ଷୁଦ୍ରଶସ୍ୟ, ୭୧ ହଜାର ୬୧ ହେକ୍ଟରରେ ଅନ୍ୟ ଶସ୍ୟ, ୨୧ ହଜାର ୫୯୦ ହେକ୍ଟରରେ ଡାଲିଜାତୀୟ, ୧୮ ହଜାର ୪୪୦ ହେକ୍ଟରରେ ତୈଳବୀଜ, ୧୧ଶହ ହେକ୍ଟରରେ ତନ୍ତୁଜାତୀୟ, ୪୬ ହଜାର ୪୨୪ ହେକ୍ଟରରେ ପନିପରିବା, ୯ ହଜାର ୩୦ ହେକ୍ଟରରେ ମସଲା, ୭ ହଜାର ୨୯୫ ହେକ୍ଟରରେ ଆଖୁ, ୯ ହଜାର ୩୦ ହେକ୍ଟରରେ ଲଙ୍କା, ହଳଦୀ ଓ ଅଦା, ୯ ହେକ୍ଟରରେ ଲେମନ ଗ୍ରାସ ଚାଷ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ଜିଲା ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, କୋରାପୁଟ ଜିଲା କୃଷି ଅଧିକାରୀ ସୁବ୍ରତ ରଥ, ସହକାରୀ କଫି ଉପନିର୍ଦ୍ଦେଶକ ଦୟାନିଧି ବାଘ, ଜିଲା କୃଷି ଅଧିକାରୀ, ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।



ଜିଲା କୃଷି ଷ୍ଟ୍ରାଟେଜି କମିଟି ବୈଠକରେ ଜିଲାପାଳ ପୋମା ଟୁଡୁଙ୍କ ସହ ଅନ୍ୟ ଅଧିକାରୀମାନେ।

# ବର୍ଷା ସକାଳରେ ଫୁର୍ତ୍ତି ଭରୁଛି ଚନ୍ଦନଙ୍କ ଲେମନ ଟି'

ବୈପାରୀଗୁଡ଼ା,୨।୮(ଡି.ଏନ୍.ଏ.)

ପାହାନ୍ତିଆରେ ଝିପିଝିପି ବର୍ଷା ସାଙ୍ଗକୁ ପବନ। ଥଣ୍ଡାପାକୁ ଏହି ସମୟରେ କେହି ଜଣେ ଆସି ବଡ଼ ପାଟିରେ ଡାକେ 'ଲେମନ ଟି... ଲେମନ ଟି...'। ଯାତ୍ରୀ ଜଣଙ୍କ ପକେଟରୁ ୫ ଟଙ୍କିଆ କଏନ୍ କାଢ଼ି ସେଇ ଲୋକର ହାତରେ ଦେଇ ତାଠାରୁ ଗୋଟିଏ କପ୍ ଲେମ୍ବୁରସ ମିଶା ଚା ଉଠାଇନିଏ। ବାସ୍ ସେଇ ଚା'ର ଢୋକ ସକାଳକୁ ଫୁର୍ତ୍ତି ଓ ସତେଜ କରିଦିଏ।

ଚନ୍ଦନ ମଣ୍ଡଳ। ଘର ପଶ୍ଚିମବଙ୍ଗର ମଥୁରାପୁରରେ। କିଛିଦିନ ହେବ ବୈପାରୀଗୁଡ଼ା ବଜାରରେ ଲେମନ୍ ଟି ବିକି ଲୋକଙ୍କୁ ନିଆରା ସ୍ୱାଦ ଚଖାଉଛନ୍ତି। ପାହାନ୍ତା ୫ଟାରୁ ବୈପାରୀଗୁଡ଼ା ଛକରେ ହାଜର ହେଇଯାଉଛନ୍ତି। ଗୋଟିଏ ହାତରେ କଟା ଡବା ଭିତରେ ଜଳୁଥିବା ଷ୍ଟୋଭ୍ ଉପରେ ଚା' କେଟ୍‌ଲି । ଆଉ ହାତରେ ବାକି ଉପକରଣ। ଦୂର ଦୂରାନ୍ତରୁ ଆସୁଥିବା ବସ୍‌ର ଏଠାରେ ସ୍ୱଳ୍ପ ରହଣି ଭିତରେ ଅନେକ ଯାତ୍ରୀ ମଣ୍ଡଳ ଦାଦାଙ୍କ ଲେମନ୍ ଟି'ର ମଜା ନିଅନ୍ତି। ବିନା କ୍ଷୀର ଚାରେ ଲେମ୍ବୁ ରସ ସାଙ୍ଗକୁ ଲବଙ୍ଗ, ଅଳେଇଚ, ବିଟଲୁଣ ପଡ଼ିଥାଏ। ଦିନ ୨ଟା ଯାଏ ଚା' ବିକା ପରେ ଟିକେ ବିଶ୍ରାମ। ପୁଣି ଅପରାହ୍ନ ୪ଟାରୁ ରାତି ୯ ପର୍ଯ୍ୟନ୍ତ ଚା' ବିକନ୍ତି। ହାତରେ ୧୦ କେଜି ଓଜନର ସରଞ୍ଜାମ ଧରି ଦିନ ତମାମ ବୁଲି ବୁଲି ଚା' ବିକୁଥିବା ଏହି ମଣିଷ କେବେ ଥକ୍କା ଅନୁଭବ କରନ୍ତି ନାହିଁ। ପରିବାରରେ ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବଡ଼ଝିଅକୁ ବାହା ଦେଇସାରିଥିବା ବେଳେ ପୁଅ ଏବେ ବାହାରେ ରହି ମିସ୍ତ୍ରି କାମ କରୁଛନ୍ତି। ପୂର୍ବରୁ ସେ ଓଡ଼ିଶାର ଯାଜପୁର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଫେରିବାଲା ଭାବେ ବେଡସିଟ୍ ଓ ଟିଭି କଭ୍‌ର ବିକୁଥିଲେ। ବେପାର ଆଉ ଚାଲିଲାନି। ଏବେ ବାଧ୍ୟହୋଇ ଲେମନଟି'କୁ ବୃତ୍ତି କରିଛନ୍ତି। ଦୈନିକ ସବୁ ଖର୍ଚ୍ଚ ବାଦେ ପ୍ରାୟ ୨ ଶହ ଟଙ୍କା ରୋଜଗାର ହେଉଛି।



# ବାଳକକୁ ଉଦ୍ଧାର କରି ଥାନା ଜିମାଦେଲେ ଗ୍ରାମବାସୀ

ବୈପାରୀଗୁଡ଼ା,୨।୮(ଡି.ଏନ୍.ଏ.)

ବୈପାରୀଗୁଡ଼ା ଥାନା କୋଲାର ପଞ୍ଚାୟତ ଗନିପୁଟ ଗ୍ରାମବାସୀ ଶୁକ୍ରବାର ଜଣେ ବାଳକଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ସକାଳେ ଜଣେ ଅଚିହ୍ନା ବାଳକ (୧୬) ଗାଁ ପାଖ ଏକ ନାଳରେ ବେହୋସ ଅବସ୍ଥାରେ ପଡ଼ିଥିବା ସେହି ଗ୍ରାମର ଯୁବକ ଗୁପ୍ତେ ଟାକ୍ରି ଦେଖିଥିଲେ। ଗାଁର କେତେକ ଯୁବକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯିବା ପରେ ତାଙ୍କର ହୋସ ଆସିଥିଲା। କିନ୍ତୁ ପଚାରିଲେ କେବଳ ହଁ ଛଡ଼ା ସେ ଆଉ କିଛି କହି ନ ପାରିବାରୁ ତାଙ୍କର ପରିଚୟ ମିଳି ନ ଥିଲା। ବାଧ୍ୟହୋଇ ଗ୍ରାମବାସୀ ତାଙ୍କୁ ବୈପାରୀଗୁଡ଼ା ପୋଲିସ ଜିମା ଦେଇଥିଲେ। ପୋଲିସ ମଧ୍ୟ ପରିଚୟ ଜାଣିବାକୁ ଚେଷ୍ଟା କରି ନିରାଶ ହୋଇଥିଲା। କୋରାପୁଟ ଚାଇଲ୍ଡ ହେଲପ୍ ଲାଇନକୁ ଯୋଗାଯୋଗ କରିବା ପରେ ସେମାନଙ୍କୁ ଉକ୍ତ ବାଳକଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ମା'ବାପ ଛେଉଣ୍ଡ ନାବାଳିକା ଉଦ୍ଧାର

ଜୟପୁର,୨।୮(ନି.ପ୍ର./ଡି.ଏନ୍.ଏ.)

ଗୁରୁବାରୀଙ୍କୁ ତାଙ୍କ ମା' ପୂର୍ବରୁ ଛାଡ଼ି ଚାଲିଯାଇଥିବା ବେଳେ କିଛି ବର୍ଷ ତଳେ ଟ୍ରାକ୍ଟର ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାରୀ ଦିନବେଳେ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଓ ରାତିର ଖାଇବା ପାଇଁ ଗ୍ରାମବାସୀଙ୍କ ଉପରେ ନିର୍ଭର କରୁଥିଲେ। ମାତ୍ର ୧୦ ବର୍ଷ ବୟସରେ ଜୟପୁର ବ୍ଲକ ମାହାଲିଆପୁଟ ଗାଁରେ ଏକାକୀ ଜୀବନ ବିତାଉଥିଲେ ଗୁରୁବାର। ପଡ଼ିଶା ଘରେ ରହୁଥିବା ପ୍ରସନ୍ନ ପାଣିଗ୍ରାହୀ ତାଙ୍କର ଖାଇବା କଥା ବୁଝିବା ସହ ସବୁ ପ୍ରକାର ଧ୍ୟାନ ରଖୁଥିଲେ। ଏହା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶଙ୍କ ଦୃଷ୍ଟିକୁ ଆସିବା ପରେ ୫ମ ଶ୍ରେଣୀରେ ପଢୁଥିବା ଗୁରୁବାରୀଙ୍କୁ ଉଦ୍ଧାର କରିଛନ୍ତି। ଶୁକ୍ରବାର ବିଦ୍ୟାଳୟରୁ ଗୁରୁବାରୀଙ୍କ ଟିସି ବାହାର କରିବା ପରେ ତାଙ୍କୁ କୋରାପୁଟ ନିଆଯାଇ ତାଙ୍କୁ ସିଡବ୍ଲ୍ୟୁସି ଆଗରେ ହାଜର କରାଯିବା ପରେ ଶିଶୁକେନ୍ଦ୍ରକୁ ପଠାଇ ଦିଆଯାଇଛି। ଆସନ୍ତା ଶନିବାର ସିଡବ୍ଲ୍ୟୁସି ଅଧ୍ୟକ୍ଷା ଡ. ବି. ଗାୟତ୍ରୀ ଦେବୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନାବାଳିକାଙ୍କ ଦାଦା ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ। ଏହାପରେ ନାବାଳିକାଙ୍କ ପାଠପଢ଼ା ଓ ଅନ୍ୟ ବ୍ୟବସ୍ଥା କରାଯିବ।

# ରାଧାକୃଷ୍ଣ କଲେଜରେ ଏନ୍‌ଏସ୍‌ଏସ୍ ଶିବିର

ଦଶମନ୍ତପୁର,୨।୮(ଡି.ଏନ୍.ଏ.): ସ୍ଥାନୀୟ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟରେ ଗୁରୁବାର ଜାତୀୟ ସେବା ଯୋଜନା ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏନ୍‌ଏସ୍‌ଏସ୍‌ର ସଂଯୋଜକ ପତିତପାବନ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିରିଗୁଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ବିପୁଲ ବୈଭବ, ସମ୍ମାନିତ ଅତିଥି ଭାବେ ଆରକେଏ କଲେଜର ଅଧ୍ୟକ୍ଷ ତ୍ରିନାଥ ପାଡିକା, କୃଷ୍ଣଚନ୍ଦ୍ର ମହାପାତ୍ର, ସରୋଜ କୁମାର ଡୁଳ, ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଯୁକ୍ତ ୨ର ଅଧ୍ୟକ୍ଷ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅତିଥିମାନେ ବୁଝାଇବା ସହ ଦଳ ଗଠନ କରାଯାଇ ଦୁର୍ଗମ ଓ ଅପହଞ୍ଚ ଥିବା ଗ୍ରାମାଞ୍ଚଳରେ ସ୍ୱଚ୍ଛତା ଉପରେ ସଚେତନତା ଓ ସଫେଇ କାମ କରାଯିବା ନେଇ ଆଲୋଚନା କରାଯାଇଥିଲା।

# ଖଣି ଖନନ ସପକ୍ଷରେ ଶୋଭାଯାତ୍ରା



କୋଡ଼ିଙ୍ଗାମାଳି ଖଣି ଚାଲୁ କରିବା ପାଇଁ ଲକ୍ଷ୍ମୀପୁରଠାରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ବିଶାଳ ଶୋଭାଯାତ୍ରା।

କୋରାପୁଟ/ଲକ୍ଷ୍ମୀପୁର/କାକିରିଗୁମ୍ମା ୨।୮(ସ୍ୱ.ପ୍ର./ଡି.ଏନ୍.ଏ.)

**କୋଡିଙ୍ଗାମାଳି ପ୍ରସଙ୍ଗ**

କୋଡିଙ୍ଗାମାଳି ଖଣି ଖନନ ସପକ୍ଷରେ ଶୁକ୍ରବାର ଏହି ଅଞ୍ଚଳର ହଜାର ହଜାର ଗ୍ରାମବାସୀ ଲକ୍ଷ୍ମୀପୁରଠାରେ ବିଶାଳ ଶୋଭାଯାତ୍ରା କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲକ୍ଷ୍ମୀପୁର ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ପୂର୍ବତନ ବିଧାୟକ କୈଳାସ କୁଲେସିକା, କୃଷ୍ଣଚନ୍ଦ୍ର ସଗରିଆଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଖଣି ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ବ୍ଲକ ପଡିଆରୁ ଶୋଭାଯାତ୍ରାରେ ଯାଇ ତହସିଲଦାର ମଧୁମିତା ପାମଲକରଙ୍କୁ ଦାବିପତ୍ର ଦେଇଛନ୍ତି।

କୋଡିଙ୍ଗାମାଳି ଖଣିକୁ ସବୁବେଳେ ଚାଲୁ କରିବା, ଏଠାରୁ କାକିରିଗୁମ୍ମା ଷ୍ଟେସନକୁ ସ୍ଥାନୀୟ ଗାଡ଼ି ଯୋଗେ ପରିବହନ ପାଇଁ ସେମାନେ ଦାବି କରିଛନ୍ତି। କେତେକ ଖଳ ପ୍ରକୃତିର ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଆନ୍ଦୋଳନ ନାମରେ ବିଶୃଙ୍ଖଳା କରୁଛନ୍ତି। ଜିଲାପାଳ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେବାକୁ ଦାବିପତ୍ର ନିବେଦନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ୨୬ ତାରିଖରୁ କୋଡିଙ୍ଗାମାଳି ଖଣି ଖନନ ଓ ପରିବହନ କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ଯୁବକମାନେ ଆନ୍ଦୋଳନ ଚଳାଇଛନ୍ତି। ଅପରପକ୍ଷେ କାକିରିଗୁମ୍ମା ବଜାର ଦେଇ ଖଣି ପରିବହନ ବନ୍ଦ କରିବା ନେଇ ସ୍ଥାନୀୟ ବ୍ୟବସାୟୀ ସଂଘ ବଜାର ବନ୍ଦ କରିବା ସହ ଏନେଇ ଲକ୍ଷ୍ମୀପୁର ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଅନ୍ୟପକ୍ଷେ ଏହି ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଲକ୍ଷ୍ମୀପୁରରେ କୋରାପୁଟ ଏଏସ୍‌ପି ଉଜ୍ୱଳ ରଞ୍ଜନ ଦାସ, ଏସ୍‌ଡିପିଓ ଅଶ୍ୱିନ କୁମାର ନାୟକ, ଲକ୍ଷ୍ମୀପୁର ଥାନା ଅଧିକାରୀ ମନୋଜ ବେହେରା, ଲକ୍ଷ୍ମୀପୁର ବିଡିଓ, ତହସିଲଦାର ଏକତ୍ରିତ ହୋଇ ଆଲୋଚନା କରିଛନ୍ତି।

## ■ ଜିଲା କଫି ଉନ୍ନୟନ ଟ୍ରଷ୍ଟ ବୈଠକରେ ନିଷ୍ପତ୍ତି

# ୫୦ ଲକ୍ଷରେ ହେବ କଫି ପ୍ରୋସେସିଂ ୟୁନିଟ୍

କୋରାପୁଟ,୨।୮(ସ୍ୱ.ପ୍ର.)

କୋରାପୁଟରେ କଫି ଚାଷ ପାଇଁ ଉପଯୁକ୍ତ ଜଳବାୟୁ ରହିଥିବାବେଳେ ଏହି ଚାଷକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଜିଲା କଫି ଉନ୍ନୟନ ଟ୍ରଷ୍ଟ ବୈଠକ ଗୁରୁବାର ନିଷ୍ପତ୍ତି ହୋଇଛି। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲାର କଫିକୁ ଜାତୀୟସ୍ତରକୁ ନେବା ପାଇଁ ଏହି ଚାଷକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଗୁରୁତ୍ୱାରୋପ କରାଯାଇଛି। ଜିଲାରେ ଥିବା ବିଭିନ୍ନ ଲଣ୍ଡା ପାହାଡ଼କୁ କଫିଚାଷ ଦ୍ୱାରା ସବୁଜ କରାଯିବା ପାଇଁ ଜୋର୍ ଦିଆଯାଇଥିଲା। କୋରାପୁଟସ୍ଥିତ ମୃତ୍ତିକା ସଂରକ୍ଷଣ ବିଭାଗର ଥିବା ତାଲିମ କେନ୍ଦ୍ର ପରିସରରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଟିଡିସିସି ମାଧ୍ୟମରେ ଏକ କଫି ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲାର ଆଦିବାସୀ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ କଫିଚାଷ ଉପରେ କଫି ଟ୍ରଷ୍ଟ ଗୁରୁତ୍ୱ ଦେଉଥିବା ଜିଲା କଫି ଉପନିର୍ଦ୍ଦେଶକ ଭବାନି ଶଙ୍କର କାଲୋ କହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲା କଫି ଉନ୍ନୟନ ଟ୍ରଷ୍ଟ ଓ ଏମ୍‌ଜିଏନ୍‌ଆରଇଜିଏସ୍‌ର ମିଳିତ ସହଯୋଗରେ ଜିଲାର ନନ୍ଦପୁର, ସେମିଳିଗୁଡ଼ା, ପଟ୍ଟାଙ୍ଗି, ଲମତାପୁଟ, କୋରାପୁଟ, ଲକ୍ଷ୍ମୀପୁର, ଦଶମନ୍ତପୁର ବ୍ଲକର ୫୨୫ ହେକ୍ଟରରେ କଫିଚାଷ କରାଯିବାକୁ ଥିବାବେଳେ ଏଥିରେ ଛାୟା ବୃକ୍ଷ ଲଗାଯିବ। ଜିଲାରେ ଏହି ଆର୍ଥିକ ବର୍ଷରେ ୧୩୨ ହେକ୍ଟର କଫି ଓ ୧୭୦୨ ହେକ୍ଟର ଜମିରେ ଗୋଲମରିଚ ଚାଷ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା କଫି ଉପନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, କଫିବୋର୍ଡର ଲିଆସନ ଅଧିକାରୀ ଅଜିତ ରାଉତ, ସହକାରୀ କଫି ଉପନିର୍ଦ୍ଦେଶକ ଦୟାନିଧି ବାଗ, ଆଇଟିଡିଏ ପିଏ କାରୁ ସୋରେନ, ଜିଲା କୃଷି ଉପନିର୍ଦ୍ଦେଶକ, ଜିଲା ଉଦ୍ୟାନ କୃଷି ଅଧିକାରୀ ଉପସ୍ଥିତ ଥିଲେ।



ଜିଲାରେ କଫି ଚାଷର ବିକାଶ ପାଇଁ ନନ୍ଦପୁରରେ ପ୍ରସ୍ତୁତ କରାଯାଇଥିବା ଚାରା।

ଧରିତ୍ରୀ
DHARITRI
ରାୟଗଡା, ଶନିବାର, ୩ ଅଗଷ୍ଟ, ୨୦୧୯



# ଜଳାର୍ଣ୍ଣବ ମାଲକାନଗିରି ଜିଲା



ମାଲକାନଗିରି ସମବାୟ ଷ୍ଟିଟରେ ପଶିଥିବା ବନ୍ୟାଜଳ ।



ମାଥିଲିର ପାଙ୍ଗମ ପୋଲ ଉପରେ ପ୍ରବାହିତ ହେଉଥିବା ବନ୍ୟାଜଳ ।



କୋରକୋଣ୍ଡା ପୋଲ ତଳେ ବନ୍ୟାଜଳ ।




ମାଲକାନଗିରି ମୁଖ୍ୟରାସ୍ତା ଜଳାର୍ଣ୍ଣବ ।



ଜିଲାପାଳ ମନୀଷ ଅଗ୍ରୱାଲ ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତି ତଦାରଖ କରୁଛନ୍ତି ।

## ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ

**ମାଥିଲି /ଗୋବିନ୍ଦପାଲ୍ଲୀ, ୨।୮(ଡି.ଏନ.ଏ,)**

ମାଲକାନଗିରି ଜିଲା ୩୨୬ ନମ୍ବର ଜାତୀୟ ରାଜପଥ ପାଙ୍ଗାମ ପୋଲ ଉପରେ ଲଗାଣ ବର୍ଷା ଯୋଗୁ ୩ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଜୟପୁର –ମାଥିଲି–ମାଲକାନଗିରିକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଲୋକଙ୍କୁ କୌଣସି ଯାନବାହାନ ସହ ପୋଲ ନିକଟରେ ଯିବାକୁ ବାରଣ କରାଯାଇଛି। ଏଥିଯୋଗୁ ଶତାଧିକ ଯାତ୍ରୀପୋଲର ଉଭୟ ପାର୍ଶ୍ୱରେ ଅଟକି ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ବନ୍ୟାଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ ବସ୍ ଯାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି । ମାଥିଲି ପିଇଓ ଆଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ଯାତ୍ରୀ ଏବଂ ବନ୍ୟା ପୀଡିତଙ୍କୁ ମାଥିଲି ତଳସାହି ଉନ୍ନତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ରଖାଯାଇଛି। ସେମାନଙ୍କୁ ରିଲିଫ ସହ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ମାଲକାନଗିରି ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ମାଥିଲି ବିଡିଓ ଆଶିଷ କୁମାର ଭୋଇ ଓ ତହସିଲଦାର ମଘବାନ ବାଗ ବନ୍ୟାଞ୍ଚଳ ବୁଲି ପରିସ୍ଥିତି ସମୀକ୍ଷା କରିଛନ୍ତି ।



ମାଥିଲିର ଏକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଉଛି।

## ବିଭିନ୍ନ ପୋଲ ଉପରେ ବନ୍ୟାଜଳ ପ୍ରବାହିତ

**କାଲିମେଳା/କୋରୁକୋଣ୍ଡା, ୨।୮(ଡି.ଏନ.ଏ)**

**କାଲିମେଳାରେ ବନ୍ୟା ପରିସ୍ଥିତି ଉଦବେଗଜନକ**
- ମାଲକାନଗିରି-କାଲିମେଳା-ପଡିଆକୁ ଯୋଗାଯୋଗ ବିଚ୍ଛିନ୍ନ
- ପାଣି ଘେରରେ ରହିଛି ଅନେକ ଗ୍ରାମ
- ଲାଗିରହିବ ଆହୁରି ୨ ଦିନ ବର୍ଷା
- ପୋଟେରୁରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର
- ଚାଷଜମି ଉପରେ ବନ୍ୟା ଜଳ ପ୍ରବାହିତ

ଗୁରୁବାର ରାତିଠାରୁ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଫଳରେ କାଲିମେଳା ଅଞ୍ଚଳର ବିଭିନ୍ନ ନାଳ ଓ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି। ବିଭିନ୍ନ ପୋଲ ଉପରେ ମଧ୍ୟ ବନ୍ୟାଜଳ ଚାଲିଛି। ଏଥିଯୋଗୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି । ଗୁରୁବାରଠାରୁ ଶୁକ୍ରବାର ଅପରାହ୍ଣ ପର୍ଯ୍ୟନ୍ତ କାଲିମେଳା ଅଞ୍ଚଳରେ ୧୪୫ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଗୋଟିଏ ଦିନରେ ଏତେ ପରିମାଣର ବର୍ଷା ହୋଇଥିବାରୁ କାଲିମେଳା ଅଞ୍ଚଳ ଏକପ୍ରକାର ଜଳବନ୍ଦୀ ହୋଇଯାଇଛି। କାଲିମେଳାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ବନ୍ୟାଜଳରେ ବୁଡ଼ି ରହିଛି। କାଲିମେଳା ସଦର ସମେତ ଅନ୍ୟ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। କାଲିମେଳାରୁ ମାଲକାନଗିରି ଯିବା ରାସ୍ତାର ୩୨୬ନଂ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ଶୁକ୍ରବାର ସକାଳୁ ପ୍ରାୟ ୪ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରି–କାଲିମେଳା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏଠାରେ ଉଭୟ ପାର୍ଶ୍ୱରେ ଲୋକମାନେ ଘଣ୍ଟା ଘଣ୍ଟା ଧରି ଯାତାୟାତ ଲାଗି ଅପେକ୍ଷା କରି ରହିଛନ୍ତି। ସେହିପରି କାଲିମେଳା ପଡ଼ିଆ ରାସ୍ତାର କନ୍ୟାଶ୍ରମ ପୋଲ ଉପରେ ୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କାଲିମେଳାରୁ ପଡ଼ିଆ ବ୍ଲକକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିସହ ଏମଭି–୯୦ ଗୁବୁଲୁର ନାଳ ଏବଂ କାଲିମେଳା ଏମଭି–୭୯ ମଧ୍ୟ ଭାଗରେ ଥିବା ଏମଭି–୯୬ ନାଳ ଉପରେ ମଧ୍ୟ ୪ ଫୁଟ ଉଚ୍ଚରେ ବନ୍ୟାଜଳ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ କାଲିମେଳା–ମୋଟୁକୁ ଯୋଗାଯୋଗ ଠପ୍ ହୋଇଯାଇଛି। ବହୁ ଗ୍ରାମ ପାଣି ଘେରରେ ରହିଛି। ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି । ବର୍ଷା ଯୋଗୁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇପାରିନାହାନ୍ତି। ଶୁକ୍ରବାର ଓ ଶନିବାର ଦୁଇଦିନ ସମସ୍ତ ବିଦ୍ୟାଳୟ ବନ୍ଦ ରଖିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୩୨୬ ନଂ. ଜାତୀୟ ରାଜପଥର ଅନେକ ସ୍ଥାନରେ ରାସ୍ତା ବନ୍ଦ ରହିଛି। ଏକ ସପ୍ତାହ ଭିତରେ ୨ଥର ଏପରି ପ୍ରବଳ ବର୍ଷା ଯୋଗୁ କାଲିମେଳା ଏକ ପ୍ରକାର ବେହାଲ ହୋଇପଡିଛି। ଲଗାଣ ବର୍ଷାରେ ଚାଷଜମି ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ତେବେ ଏ ନେଇ ବ୍ଲକ ପ୍ରଶାସନ ସଜାଗ ରହିବା ସହ ରିଲିଫ ସାମଗ୍ରୀ ମହଜୁଦ୍ ରଖିଥିବା ଜଣାପଡିଛି। ତେବେ ଚିତ୍ରକୋଣ୍ଡା ଜଳଭଣ୍ଡାରରୁ ଶୁକ୍ରବାର ରାତିରେ ଜଳ ଛାଡିବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପଟେରୁ ବଜାରରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।

କୋରୁକୋଣ୍ଡା ଅଞ୍ଚଳରେ ଲଗାଣ ବର୍ଷା ହେତୁ ଅନେକ ନାଳ ଓ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। କୋରୁକୋଣ୍ଡା ନଦୀ ଏବଂ ଚାଲାଣଗୁଡ଼ା ନିକଟସ୍ଥ ତମସା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। କୋରୁକୋଣ୍ଡା ଓ ଏମ୍‌ଭି–୩୭ ପୋଲ ଉପରେ ୪ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ତମସା ପୋଲ ଉପରେ ପ୍ରାୟ ୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରିରୁ ଛତିଶଗଡ଼ର ସୁକୁମାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏମଭି–୩୭ ପୋଲ ଉପରେ ଜଳ ପ୍ରବାହ ଯୋଗୁ ବାଲିମେଳା ଓ ମାଲକାନଗିରି ମୁଖ୍ୟ ରାସ୍ତା ଦେଇ ଗମନାଗମନ ବନ୍ଦ ରହିଛି। ଯଦି ଆହୁରି ୨ଦିନ ବର୍ଷା ଲାଗି ରହେ ତେବେ ବିଭିନ୍ନ ନଦୀରେ ଜଳସ୍ତର ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓ ଦାଶରଥୀ ସାରଙ୍ଗ ଏମଭି–୫୦ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ୧୦ ପରିବାରର ୫୦ ଜଣଙ୍କୁ ଗ୍ରାମ ବିଦ୍ୟାଳୟକୁ ସ୍ଥାନାନ୍ତର କରିଛନ୍ତି। ସେଠାରେ ସମସ୍ତଙ୍କୁ ରନ୍ଧାଖାଦ୍ୟ ଯୋଗାଣ ବ୍ୟବସ୍ଥା ହୋଇଛି।

■ ୮ରେ ଜାତୀୟ୍ କୃମି ନାଶକ ଦିବସ

## ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ହେଲା ଆଲୋଚନା

**ମାଲକାନଗିରି, ୨।୮ (ଡି.ଏନ୍.ଏ.)**

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର କୃମି ନାଶକ ଦିବସ ପାଳନ ପାଇଁ ଏକ ବୈଠକ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନିଲ ମିଶ୍ର, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ, ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର, ଜିଲାର ୭ଟି ବ୍ଲକର ବ୍ଲକ ଚିକିତ୍ସାଧିକାରୀ, ଉପ–ଚିକିତ୍ସାକେନ୍ଦ୍ରର ଅଧିକାରୀ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୮ରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ସେହିଦିନ ମାଲକାନଗିରି ଜିଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡିକେନ୍ଦ୍ରରେ ୧ ବର୍ଷଠାରୁ ୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ବଟିକା ଖୁଆଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଯେଉଁ ଶିଶୁ ସେହି ଦିନ ଅନୁପସ୍ଥିତ ଥିବେ, ସେମାନଙ୍କୁ ଆସନ୍ତା ୧୬ରେ ବଟିକା ଖୁଆଇବା ପାଇଁ ବ୍ୟବସ୍ଥା ହୋଇଛି। ଜିଲାରେ ୧୪୫୨ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସହ ୧୨୫୦ ଅଙ୍ଗନୱାଡି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ହେବ ବୋଲି ସଂଯୋଜକ ବନବିହାରୀ ମିଶ୍ର କହିଛନ୍ତି।

## ଘର ଭାଙ୍ଗିଥିବା ପରିବାରକୁ ପଲିଥିନ ବଣ୍ଟନ

**ଚିତ୍ରକୋଣ୍ଡା, ୨।୮(ଡି.ଏନ.ଏ.)–**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତିର ପଣସପୁଟ, ଯୋଡ଼ାମ୍ବ, ବଡପଦର, ପାପରମେଟଲା ଓ ଉପାନ୍ତ ପାପୁଲୁର ପଞ୍ଚାୟତରେ ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବା ଲୋକଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ଆରଆଇଙ୍କ ରିପୋର୍ଟକୁ ଭିତ୍ତି କରି ୫୨ ପରିବାରକୁ ପଲିଥିନ ମିଳିଛି। ତହସିଲ କାର୍ଯ୍ୟାଳୟଠାରେ ବିଡିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ତହସିଲଦାର ଟି. ପଦ୍ମନାଭ ଦୋରା, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ସୁପରଭାଇଜର ବଳଭଦ୍ର ମହାରଣା, ଆରଆଇ ନାରାୟଣ ମହାରଣା ଉପସ୍ଥିତ ଥିଲେ। ଲଗାଣ ବର୍ଷାରେ ଯେକୌଣସି ସତର୍କ ସୂଚନା ଦେବାପାଇଁ ତହସିଲ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ସଜାଗ ରଖାଯାଇଛି ବୋଲି ବିଡ଼ିଓ ଖରସେଲ ଓ ତହସିଲଦାର ଦୋରା କହିଛନ୍ତି।



ଗତବର୍ଷାରେ ଘର ଭାଙ୍ଗିଥିବା ପରିବାରକୁ ପଲିଥିନ ଦିଆଯାଉଛି।

## କୋରାପୁଟ ଯାଇ ନ ପାରି ଫେରିଲା ଆମ୍ବୁଲାନ୍ସ

**ପାଣ୍ଡ୍ରିପାଣି, ୨।୮(ଡି.ଏନ.ଏ.)**

ମାଲକାନଗିରିଜିଲାରେ ଦୁଇଦିନ ହେଲା ଲାଗି ରହିଥିବା ବର୍ଷାରେ ନାହିଁ ନ ଥିବା ଅସୁବିଧା ଜନସାଧାରଣ ଭୋଗୁଛନ୍ତି । ଲଗାଣ ବର୍ଷା ଯୋଗୁ ଜୟପୁର–ମାଲକାନଗିରି ଜାତୀୟ ରାଜପଥରେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ପାଙ୍ଗାମ ପୋଲ ଉପରେ ପାଣି ପ୍ରଭାବିତ ହେଉଥିବାରୁ ଆମ୍ବୁଲାନ୍ସଟି ଆଗକୁ ଯାଇ ନ ପାରି ମାଲକାନଗିରି ଫେରି ଆସିଛି। ମାଲକାନଗିରି ବ୍ଲକ ସେରପାଲି ପଞ୍ଚାୟତର ଅମର କୁମାର ବୁରୁଦାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେରପାଲି ସଦର ପଞ୍ଚାୟତରୁ ବିଭିନ୍ନ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେରପାଲିଠାରୁ ଏମଭି ୯୩–କୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକର ଏକ ପୋଲ ଉପରେ ପ୍ରାୟ ୪ଫୁଟ ବନ୍ୟାଜଳ ପ୍ରଭାବିତ ହେଉଛି।

## ଲଗାଣବର୍ଷା ଯୋଗୁ ୨ ପରିବାରର କାନ୍ଥ ଭୁଶୁଡିଲା

**ପଡ଼ିଆ, ୨।୮ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ପଡ଼ିଆ ବ୍ଲକ୍ ଅଞ୍ଚଳରେ ବର୍ଷା ଯୋଗୁ ଗୁରୁବାର ସନ୍ଧ୍ୟାରେ ଗୋଟିଏ ପରିବାରର ଏବଂ ମଧ୍ୟରାତ୍ରିରେ ଅନ୍ୟ ଏକ ପରିବାରର କାନ୍ଥ ଭୁଶୁଡିପଡିଛି। ଏମାନେ ହେଲେ କାରାପୁ ଲକ୍ଷ୍ମୀ ନାରାୟଣ ଏବଂ ଘେନୁ ଖିଲ । ଏମାନେ ଘର ଖଣ୍ଡେ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ନିବେଦନ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ଉଭୟେ ଝାଟିମାଟି ଘରେ ବହୁ ବର୍ଷ ଧରି ବସବାସ କରି ଆସୁଥିଲେ। ଘରଟିଏ ପାଇଁ ବହୁବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। ଗତ ଖରାଦିନେ କାଳ ବୈଶାଖୀରେ ସେମାନଙ୍କ ଝାଟିମାଟି ଘରର ଚାଳ ଛପର ଉଡି ଯାଇଥିଲା। ପଲିଥିନ୍ ପକାଇ ଚଳି ଆସୁଥିଲେ। ଗତ ସପ୍ତାହରେ ହୋଇଥିବା ଲଘୁଚାପ ବର୍ଷାରେ ଘରର କାନ୍ଥ ଅଧିକ ଦୁର୍ବଳ ହୋଇଯାଇଥିଲା। ପୁଣି ଗୁରୁବାର ଲଗାଣ ବର୍ଷାରେ ଉଭୟଙ୍କ ଘର କାନ୍ଥ ଭୁଶୁଡି ପଡିଛି। ଏବେ ୨ ପରିବାର ଗୃହହୀନ ହୋଇ ପଡିଛନ୍ତି। ଏହି ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।





ଅସହାୟ ଅବସ୍ଥାରେ କାନ୍ଥ ଭୁଶୁଡିପଡିଥିବା ପରିବାର ଲୋକେ ।

**ସଂକ୍ଷେପରେ**



## ପୁନଃ ମୂଲ୍ୟାୟନ ପରେ ବଢ଼ିଲା ନମ୍ବର ବିଦ୍ୟାଳୟର ହେଲେ ପ୍ରଥମ

**ଜେକେପୁର,୨।୮(ଡ଼ି.ଏନ.ଏ):** ରାୟଗଡ଼ା ଜେକେପୁରରେ ଥିବା ଲକ୍ଷ୍ମୀପତି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଗୋପାଳ ଚେଟି ତେଜସ୍ୱୀ ୪୮୨ ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେ ତାଙ୍କ ନମ୍ବରରେ ସନ୍ତୁଷ୍ଟ ନ ହୋଇ ପୁନଃ ମୂଲ୍ୟାୟନ ନେଇ ଆବେଦନ କରିଥିଲେ । ପରେ ତାଙ୍କର ୩ ନମ୍ବର ବଢ଼ି ୪୮୫ ନମ୍ବର ହୋଇଥିଲା। ସେ ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆଗରୁ ଲୋରିନା ପଟ୍ଟନାୟକ ସମାନ ନମ୍ବର ରଖି ପ୍ରଥମ ହୋଇଥିଲେ ।

## ଗୁରୁଦକ୍ଷିଣା କାର୍ଯ୍ୟକ୍ରମ



**ଟିକିରି,୨।୮(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ମନ୍ଦିରଠାରେ ଗୁରୁବାର ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟନ୍ତ କୁମାର ଗୁରୁ ମୁଖ୍ୟ ଅତିଥି, ପ୍ରଧାନଆଚାର୍ଯ୍ୟ ରଘୁନାଥ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ କିଶୋରଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ । କିଶୋର ଚନ୍ଦ୍ର ମହାନ୍ତି, ରେଲୱେ କର୍ମଚାରୀ ଅମୃତବଚନ ହରିଶଙ୍କର ପଣ୍ଡା, ସୁଯୋଗ୍ୟ ବେହେରା, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ୮୫ ଜଣ ସ୍ୱୟଂ ସେବକ ଯୋଗ ଦେଇଥିଲେ ।

## ନିରାମୟ କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**କୋରାପୁଟ,୨।୮(ସ୍ୱ.ପ୍ର):** କୋରାପୁଟ ଜିଲାପାଳ ପୋମା ଟୁଡୁ କୋରାପୁଟ ମେଡିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରିଛନ୍ତି । ସେଠାରେ ଥିବା ନିରାମୟ ଔଷଧ କେନ୍ଦ୍ର ଅନୁଧ୍ୟାନ କରିଛନ୍ତି। ମେଡିକାଲରେ ରୋଗୀମାନଙ୍କୁ ଠିକ ଭାବେ ନିରାମୟ ଯୋଜନାରେ ଉପଲବ୍ଧ ଔଷଧ ପ୍ରଦାନ କରା ଯାଉ ନାହିଁ । ସ୍ଥାନୀୟ ମେଡିକାଲ ବାହାରେ ଥିବା ଔଷଧ ଦୋକାନରୁ କିଣି ଆଣିବାକୁ ଡାକ୍ତରମାନେ ପରାମର୍ଶ ଦେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଜିଲାପାଳ ଏହାର ଅନୁଧ୍ୟାନ ନେଇ ନିରାମୟ ଔଷଧ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଥିସହିତ କେଉଁ ଔଷଧ ଓ କେତେ ପ୍ରକାର ଔଷଧ ମହଜୁଦ ଅଛି ଏବଂ ଦୈନିକ କେତେ ଔଷଧ ରୋଗୀମାନଙ୍କୁ ମାଗଣାରେ ପ୍ରଦାନ କରାଯାଉଛି ସେ ନେଇ ଗୋଦାମକୁ ଯାଇ ଜିଲାପାଳ ଯାଞ୍ଚ କରିଥିଲେ । ଏହି ଅବସରରେ ଜିଲାପାଳଙ୍କ ସହ ମେଡିକାଲ ଅଧୀକ୍ଷକ ଡାକ୍ତର ହରେକୃଷ୍ଣ ଦଳେଇଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମହିଳାଙ୍କୁ ଟଣାଓଟରା କରି ଯୁବକ ଗିରଫ

**ବୁଗୁଡ଼ା,୨।୮(ଡି.ଏନ.ଏ.):** ବୁଗୁଡ଼ା ଥାନାର ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଟଣାଓଟରା ସହ ମାରପିଟ କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି । ଗିରଫ ଜଣକ ହେଲେ ଉକ୍ତ ଥାନା ରାମଣ୍ଡା ଗ୍ରାମର ଲିଟୁ ନାୟକ । ମହିଳାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ଥାନାରେ ନଂ. ୧୫୩/୧୯ରେ ମାମଲା ରୁଜୁ ହୋଇଛି। ବୁଧବାର ମଧ୍ୟାହ୍ନରେ ଲିଟୁ ପୂର୍ବ ଶତ୍ରୁତାକୁ ନେଇ ମହିଳାଙ୍କ ଘରେ ପଶି ତାଙ୍କୁ ଟଣାଓଟରା କରିବା ସହ ଚାପୁଡ଼ା ମାରିଥିଲେ । ପୋଲିସ ଏହାର ତଦନ୍ତ କରି ଶୁକ୍ରବାର ଲିଟୁଙ୍କୁ ଗିରଫ କରିଥିଲା ।

■ ନାଇରା ବିଦ୍ୟାଳୟ ଛାତ୍ରୀ ଆନ୍ଦୋଳନ ଘଟଣା

# ବୁଝାଶୁଝା ପରେ ଖାଦ୍ୟ ଖାଇଲେ ଛାତ୍ରୀ

**ଗୁଣପୁର,୨।୮(ଡି.ଏନ.ଏ)**



ସହକାରୀ ମଙ୍ଗଳ ଅଧିକାରୀଙ୍କ ଉପସ୍ଥିତିରେ ଛାତ୍ରୀମାନେ ଖାଦ୍ୟ ଗ୍ରହଣ କରୁଛନ୍ତି ।

ରାୟଗଡା ଜିଲା ପଦ୍ମପୁର ବ୍ଲକ ନାଇରା ଛାତ୍ରୀ ନିବାସର ପିଲାମାନେ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ଅଭିଯୋଗ କରି ଆନ୍ଦୋଳନ ଚଳାଇଥିଲେ । ଏଥିସହ କୌଣସି ଖାଦ୍ୟ ମଧ୍ୟ ଖାଉ ନ ଥିଲେ । ଖବରପାଇ ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟା ଭୂଷଣ ମହାନ୍ତ ଶୁକ୍ରବାର ଛାତ୍ରୀନିବାସରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ସହ ତଦନ୍ତ କରିଥିଲେ । ଏଥର ଭଲ ଖାଦ୍ୟ ଦିଆଯିବ । ଏଥିସହ ୩ ଜଣ ଶିକ୍ଷୟିତ୍ରୀ ସ୍କୁଲରେ ରହୁଥିବାରୁ ରୋଟେଶନ କରି ପରିଚାଳନା ଦାୟିତ୍ୱ କରିବାକୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ କହିଥିଲେ । ଶେଷରେ ଛାତ୍ରୀମାନେ ସହକାରୀ ମଙ୍ଗଳ ଅଧିକାରୀଙ୍କ ଉପସ୍ଥିତିରେ ଖାଦ୍ୟ ଖାଇଥିଲେ । ସୂଚନାଯୋଗ୍ୟ, ଛାତ୍ରୀମାନେ କଲ୍ୟାଣ ବିଭାଗର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ ରହୁଥିଲେ । ହେଲେ ଏହାର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ନିମ୍ନମାନର ଖାଦ୍ୟ ପ୍ରଦାନ କରୁଥିବା ଛାତ୍ରୀମାନେ ଅଭିଯୋଗ କରି ଦୁଇ ଦିନ ଧରି ଆନ୍ଦୋଳନ ଚଳାଇଥିଲେ ।

## ୪୫୦୦ ଅନ୍ତେବାସୀଙ୍କୁ ୫ ଏଏନ୍ଏମ୍

**ରାମନାଗୁଡ଼ା,୨।୮(ଡି.ଏନ୍.ଏ.)**

ରାୟଗଡା ଜିଲା ରାମନାଗୁଡା ବ୍ଲକରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ହଷ୍ଟେଲର ବ୍ୟବସ୍ଥା ରହିଛି । ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କ ସଂଖ୍ୟା ୨୫୭୦ । ଏଥିସହ ୨ ହଜାର ଛାତ୍ରମାନେ ମଧ୍ୟ ବିଭିନ୍ନ ହଷ୍ଟେଲରେ ରହି ଅଧ୍ୟୟନ କରୁଛନ୍ତି । ପାଲୁଗାର ଛାତ୍ରୀ ନିବାସରେ ୪୨୦, କୁଜେନ୍ଦ୍ରୀ ୧୪୦, ଗୁରୁଣ୍ଡି ୧୪୦, ଗୋଗୁପାଡୁ ୧୪୦, ନିଲାମଗୁଡା ୨୪୦, ଝଞ୍ଜିରିବାଡି ୧୪୦, ପାରିଖିତି ୧୪୦ ଏହିଭଳି ମୋଟ ୨୫୭୦ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଏହି ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ମୋଟ ୫ ଜଣ ଏଏନ୍ଏମ୍ ଅଛନ୍ତି । ଜଣେ ଜଣେ ଏଏନ୍ଏମ୍‌ଙ୍କୁ ଏକାଧିକ ବିଦ୍ୟାଳୟର ଦାୟିତ୍ୱ ଦିଆଯାଇଛି । ସେମାନଙ୍କୁ ଗୋଟିଏ ବିଦ୍ୟାଳୟରୁ ଅନ୍ୟ ଏକ ବିଦ୍ୟାଳୟକୁ ଯିବା ନିମନ୍ତେ ୫ରୁ ୧୦ କି.ମି. ପଡୁଛି । ବର୍ଷା ଦିନେ ମ୍ୟାଲେରିଆ, ଡାଇରିଆ, ଡେଙ୍ଗୁ ଅଧିକ ପରିମାଣରେ ହେବାର ଆଶଙ୍କା ରହିଛି । ତେଣୁ ଏଠାରେ କିପରି ଏହାର ମୁକାବିଲା ହେଉଥିବ ତାହା ସହଜରେ ଅନୁମେୟ । ଏହି ଛାତ୍ରୀମାନଙ୍କୁ ଛାଡ଼ି ଅଧିକ ୨ ହଜାର ଛାତ୍ରମାନେ ମଧ୍ୟ ରହୁଛନ୍ତି । ୯୦୦ ପିଲା ନିମନ୍ତେ ଗୋଟିଏ ଏଏନ୍ଏମ୍ କିପରି କାମ କରିପାରିବ । ଏମାନଙ୍କ ଅଧିକ ଚିକିତ୍ସା ନିମନ୍ତେ ରୁଗୁଡୁବାଇଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ରାମନାଗୁଡାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶହ ଶହ ପିଲା ଚିକିତ୍ସା ନିମନ୍ତେ ଆସୁଛନ୍ତି । ଆଦିବାସୀ କଲ୍ୟାଣ ମନ୍ତ୍ରୀ ଏହି ଜିଲାର ହୋଇଥିବା ବେଳେ ନିରୀହ ଆଦିବାସୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଲେ ପିଲାମାନେ ଉପକୃତ ହୋଇପାରନ୍ତେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ୮ ନାବାଳକ ଉଦ୍ଧାର

**ମୁନିଗୁଡ଼ା,୨।୮(ଡି.ଏନ୍.ଏ.)**

ଅପରେଶନ ମୁସ୍କାନ ଓ ପରୀ–୩ ଜରିଆରେ ସାରା ରାଜ୍ୟରେ ଶିଶୁ ଶ୍ରମିକ ଉଦ୍ଧାର କାର୍ଯ୍ୟ ଚାଲିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ମଧ୍ୟ ମୁନିଗୁଡ଼ା ପୋଲିସ ବିଭିନ୍ନ ହୋଟେଲ,ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ସେଣ୍ଟର ଓ ଗ୍ୟାରେଜଗୁଡିକରୁ ୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏମାନେ ସମସ୍ତେ ରାୟଗଡା ଓ କନ୍ଧମାଳ ଜିଲାରୁ ଆସି ଏଠାରେ କାମ କରୁଥିଲେ । ସମସ୍ତଙ୍କୁ ଥାନାକୁ ଅଣାଯାଇ ପଚରାଉଚରା ପରେ ଜିଲା ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଏପରି ଚଢ଼ାଉ ଆଗାମୀ ଦିନରେ ଜାରି ରହିବ। ଶିଶୁ ଓ ମହିଳା ସେଲ୍ ଅଧିକାରୀ ତଥା ଏସ୍ଆଇ ଶ୍ୱେତପଦ୍ମା ସେଠ୍‌ଙ୍କ ନେତୃତ୍ୱରେ ଏସ୍ଆଇ ଚନ୍ଦ୍ରମା ଶବର, ଏସ୍ଆଇ ସୁକାନ୍ତ ପ୍ରଧାନ, ନୀଳାଦ୍ରି କଅଁର, ଧନୁର୍ଯ୍ୟୟ ଓରାମ, ହାବିଲଦାର ଶ୍ରୀନିବାସ ଦଳେଇ, ନୀଳାଞ୍ଚଳ ଶବର ଓ ପ୍ଲାଟୁନ ସନ୍ତୋଷ ପାଢ଼ୀ ଦୁଇଟି ଦଳ ହୋଇ ମୁନିଗୁଡ଼ାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ।

## ପୋଖରୀରୁ ମୃତଦେହ ଉଦ୍ଧାର

**କାଶୀପୁର,୨।୮ (ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକ ଲକ୍ଷ୍ମୀବଜାର ନିକଟରେ ଥିବା ପୋଖରୀରୁ କାଶୀପୁର ପୋଲିସ ଜଣଙ୍କର ମୃତଦେହ ଉଦ୍ଧାର କରିଛି । ସେ ହେଲେ କାଶୀପୁର କରାକୁପୁଲି ସାହିର ମାସକୁ ମାଝି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ କାଶୀପୁର ପୋଲିସକୁ ଖବର ଦେଇଥିଲେ ।

## ଶିଶୁ ଉଦ୍ୟାନର ବିକାଶ ନେଇ ଦାବି

**ଗୁଣପୁର,୨।୮(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ଏଠାରେ ପିଲାଙ୍କ ମନୋରଞ୍ଜନ ନିମନ୍ତେ ଏକ ଶିଶୁ ଉଦ୍ୟାନ ରହିଛି । ହେଲେ ଏହା ଅବହେଳିତ ହୋଇ ପଡ଼ି ରହିଛି । ତେଣୁ ଏହାର ବିକାଶ ନେଇ ଦାବି ହୋଇଛି। ଏହିକ୍ରମରେ ଗୁଣପୁର ଯୁବ ଉନ୍ନୟନ ସଂଗଠନ ସଂଯୋଜକ ବି.ସତିଶ କୁମାର ଏବଂ ଆବାହକ ଉମାଶଙ୍କର ଦାସ ପ୍ରମୁଖ ଜିଲାପାଳ, ଉପଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଶିଶୁ ଉଦ୍ୟାନର ବିକାଶ ପାଇଁ ଦାବି କରିଛନ୍ତି । ସେହିପରି ଶିଶୁ ଉଦ୍ୟାନରେ କେତେକ ଅବ୍ୟବସ୍ଥା ରହିଛି ତାହାକୁ ମଧ୍ୟ ଦୂରୀକରଣ ନେଇ ଅନୁରୋଧ କରିଛନ୍ତି । ଉଦ୍ୟାନରେ ଥିବା କେତେକ ଖେଳ ଉପକରଣଗୁଡିକ ଭାଙ୍ଗି ଯାଇଛି । ତାହାକୁ ତୁରନ୍ତ ମରାମତି ସହ ରକ୍ଷଣାବେକ୍ଷଣ କରାଯିବାକୁ ଅନୁରୋଧ କରାଯାଇଛି । ସେହିପରି ଶୌଚାଳୟର କବାଟଗୁଡିକ କେହି ଭାଙ୍ଗି ନେଇ ଯାଇଛନ୍ତି । ତେଣୁ ଏଠାରେ ସୁରକ୍ଷାକର୍ମୀ ନିୟୋଜିତ କରାଯିବା ସହ ଏହାର ଉନ୍ନତି କରାଯାଉ ବୋଲି ଦାବି କରିଛନ୍ତି । ଗୁଣପୁରରେ ମନୋରଞ୍ଜନ ସକାଶେ ସେପରି କିଛି ବ୍ୟବସ୍ଥା ନାହିଁ । ତେଣୁ ତୁରନ୍ତ ଏହି ଶିଶୁ ଉଦ୍ୟାନ କରିବାକୁ କହିଛନ୍ତି ।

## ଓଲଟିଲା ଟ୍ରାକ୍ଟର: ଜଣେ ମୃତ, ୬ ଆହତ

**କଲ୍ୟାଣସିଂହପୁର,୨।୮(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସିକରପାଇ ଗ୍ରାମ ପଞ୍ଚାୟତର କଞ୍ଚାଙ୍ଗଯୋଡ଼ି ଗ୍ରାମ ନିକଟରେ ଶୁକ୍ରବାର ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୬ ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଆନନ୍ଦ ହିମିରିକା । ଆହତମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । କୋଲନରା ବ୍ଲକ ଅଣ୍ଟାମୁଡ଼ା ଗ୍ରାମ ସମେତ ଆଖାପାଖର ଅଞ୍ଚଳର ପିଲାମାନେ ବେଡକରାଙ୍ଗ ଗ୍ରାମକୁ ସାର ବାଣ୍ଟିବା ପାଇଁ ଯାଇଥିଲେ । ସାର ବାଣ୍ଟି ଫେରିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ପାହାଡ଼ ତଳକୁ ଖସିପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ଡ୍ରାଇଭର ଆନନ୍ଦଙ୍କ ମୃତ୍ୟୁ ହୋଇଥିଲା । ଆହତ ସଦାରାମ, ସୁନିଲ ହିମିରିକା, ଅନ୍ତରାଓ ଓ ଲିଙ୍ଗରାଜଙ୍କ ଅବସ୍ଥା ଗୁରୁତର ରହିଛି । ଖବରପାଇ ଥାନା ଆଇଆଇସି ଇନ୍‌ଚାର୍ଜ କୁନି ଶବର ଓ ସନ୍ତୋଷ ସିରିକା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।



ଓଲଟି ପଡ଼ିଥିବା ଟ୍ରାକ୍ଟର ।

## ମହିଳା ପୂଜିଲେ କୁଙ୍କୁମ ପୂଜା

**ଗୁଣପୁର,୨।୮(ଡି.ଏନ.ଏ)**

ଗୁଣପୁରଠାରେ ଶ୍ରାବଣ ମାସର ଶୁକ୍ରବାର ଉପଲକ୍ଷେ ତେଲୁଗୁ ସମ୍ପ୍ରଦାୟର ମହିଳାମାନଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜା କରାଯାଇଥିଲା । ଦକ୍ଷିଣକାଳୀ ମନ୍ଦିର ପରିସରରେ ମହିଳାମାନେ ଏକତ୍ରିତ ହେବା ସହ କୁଙ୍କୁମ ପୂଜା କରିଥିଲେ । ମନ୍ଦିରର ପୂଜକ ଉପସ୍ଥିତ ରହି କୁଙ୍କୁମ ପୂଜାରେ ସହଯୋଗ କରିଥିଲେ ।



ମହିଳାମାନେ କୁଙ୍କୁମ ପୂଜା କରୁଛନ୍ତି ।

## ମହିଳା ଶ୍ରମିକ ମଞ୍ଚ କ୍ଲବ ଗଠିତ

**ଜେକେପୁର,୨।୮(ଡ଼ି.ଏନ.ଏ)**

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜେକେପୁର ସ୍ଥାନୀୟ ବଜାରର ମହିଳା ଶ୍ରମିକମାନଙ୍କୁ ନେଇ ଏକ ମହିଳା ମଞ୍ଚ କ୍ଲବ ଗଠନ କରାଯାଇଛି । ଏହି ମଞ୍ଚ ଗଠନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାୟଗଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ଉପାଧ୍ୟକ୍ଷ ମୀନତି ବାଚେଲି , ଜିଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ମଞ୍ଚ ସଭାପତି ଗୁଡ୍ଡି ହରିଶଲାଲ,ସମ୍ପାଦିକା ରଞ୍ଜନା ଉପାଧ୍ୟାୟ ମଞ୍ଚସୀନ ଥିଲେ। ମହିଳା ଶ୍ରମିକମାନେ କିପରି ସରକାରଙ୍କ ସମସ୍ତ ସୁବିଧାସୁଯୋଗ ପାଇପାରିବେ ସେନେଇ ଏହି ମଞ୍ଚ ଗଠନ କରାଯାଇଥିବା ସମ୍ପାଦିକା ଉପାଧ୍ୟାୟ ସୂଚନା ଦେଇଥିଲେ। ୩୫ ଜଣ ସଭ୍ୟାଙ୍କୁ ନେଇ ଆରମ୍ଭ କରାଯାଇଥିବା ଏହି କ୍ଲବ ରେ ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ମହିଳା ଶ୍ରମିକଙ୍କୁ ସାମିଲ କରାଯିବ ବୋଲି ସଭାପତି ହରିଶଲାଲ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧ୍ୟକ୍ଷ ମିତା ପଟେଲଙ୍କ ସମେତ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।

■ କୋରାପୁଟ ଜିଲା

## ବର୍ଷାରେ ଭାଙ୍ଗିଲା ୧୫୦ ଘର

**କୋରାପୁଟ,୨।୮(ସ୍ୱ.ପ୍ର)**

କୋରାପୁଟ ଜିଲାରେ କିଛି ଦିନ ହେଲା ଲଗାଣ ବର୍ଷା ଜାରି ରହିଛି । ଶୁକ୍ରବାର ସୁଦ୍ଧା ଜିଲାର ବିଭିନ୍ନ ତହସିଲ ଅଞ୍ଚଳରେ ମୋଟ ୧୫୦ ଘର ଭାଙ୍ଗିଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାଯାଇଛି । ସେଥିମଧ୍ୟରୁ ବୋରିଗୁମ୍ମା ତହସିଲରେ ସର୍ବାଧିକ ୭୪ ଟି ଘର ଭାଙ୍ଗିଥିବାବେଳେ ବୈପାରିଗୁଡା ତହସିଲରେ ୩୪ ଘର, ଜୟପୁରରେ ୧୭ ଘର, ମାଛକୁଣ୍ଡରେ ୯ , ଦଶମନ୍ତପୁରରେ ୪, ଲକ୍ଷ୍ମୀପୁରରେ ୩, କୋଟପାଡ ର ୩, ସେମିଳିଗୁଡାରେ ୩ , କୁନ୍ଦୁରାରେ ୨ , ପଟ୍ଟାଙ୍ଗି ତହସିଲରେ ଗୋଟିଏ ଘର ଭାଙ୍ଗିଥିବା ଜଣାଯାଇଛି । ବୋରିଗୁମ୍ମା ତହସିଲରେ ୨ଟି ଓ ବୈପାରିଗୁଡା ତହସିଲରେ ୩ ଟି ଘର ସଂପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସେହିପରି କୋରାପୁଟ ଭାୟା ରାଣୀଗଡ ରାସ୍ତାର ପୁରୁଣା ବୋରିଗୁମ୍ମା– ବିସିଂପୁର ରାସ୍ତାର ଏକ ବ୍ରିଜ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି । ତେଣୁ ଏହି ରାସ୍ତାକୁ ବନ୍ଦ କରାଯାଇଛି । କୌଣସି ଅଘଟଣ ଘଟିବା ଆଶଙ୍କା ନେଇ ସେହି ସ୍ଥାନରେ ପୋଲିସ ମୁତୟନ କରାଯାଇଛି । ଶନିବାରଠାରୁ ପୁଣି କୋରାପୁଟ ଜିଲାରେ ପ୍ରବଳ ବର୍ଷା ହେବା ନେଇ ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବ ସୂଚନା ରହିଛି । ଏହାକୁ ନେଇ ଶୁକ୍ରବାର ରାଜ୍ୟ ସହକାରୀ ଏସଆରସି ଜିଲା ଜରୁରୀ ଅଧିକାରୀଙ୍କ ସହିତ ଆଗୁଆ ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି ।

## ଜୁଆ ଆଡ୍ଡାରେ ଚଢାଉ, ୮ ଗିରଫ

**ପାଟପୁର,୨।୮(ଡି.ଏନ.ଏ.)**

ପାଟପୁର ଥାନା ରଘୁନାଥପୁର ଓ କଂସାମାରୀ ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରୁ ଶୁକ୍ରବାର ୮ ଜଣଙ୍କୁ ପୋଲିସ୍ ଗିରଫ କରିଛି। ସେମାନଙ୍କ ନିକଟରୁ ୧୫ ହଜାର ଟଙ୍କା, ଦୁଇ ମୁଠା ତାସ ଜବତ କରାଯାଇଛି। ରଘୁନାଥପୁର ଗ୍ରାମ ଓ କଂସାମାରୀ କୋଠଘର ବାରଣ୍ଡାରେ ଜୁଆଆଡ୍ଡା ଚାଲିଥିବା ନେଇ ପୋଲିସ ଖବର ପାଇ ଚଢାଉ କରିଥିଲା। କେଶ ନଂ.୧୫୭/୧୯,୧୫୮/୧୯ରେ ମାମଲା ରୁଜୁ କରାଯାଇଥିବା ପାଟପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଯୁବ ଉଦ୍ୟୋଗୀଙ୍କୁ ଉତ୍ସାହିତ ନେଇ ଗୁରୁତ୍ୱାରୋପ

**ରାୟଗଡ଼ା ଅଫିସ,୨।୮**

ରାୟଗଡ଼ା ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନିମନ୍ତେ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ମୁଖ୍ୟତଃ ଯୁବ ଉଦ୍ୟୋଗୀ ଆଗକୁ ପାଦ କାଢିଲେ ଏହା ଆହୁରି ବ୍ୟାପକ ହୋଇପାରିବ । ଏଥିନିମନ୍ତେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଯୁବଶକ୍ତି ଟ୍ରଷ୍ଟ ଏବଂ ଜେକେ କାଗଜକଳର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସହ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରୋତ୍ସାହନ ସମ୍ପର୍କରେ ସୂଚନା ଦେଇଥିଲେ । ଉପଯୁକ୍ତ ତାଲିମ ସାଙ୍ଗକୁ ବ୍ୟାଙ୍କ ଋଣ ଓ ସବସିଡ଼ିର ଠିକ ବିନିଯୋଗ କଲେ ଯେ କୌଣସି ଯୁବତୀଯୁବକ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜେକେ କାଗଜକଳର ନିର୍ବାହୀ ଉପସଭାପତି ପବନ କୁମାର ସୁରୀ, ଭାରତୀୟ ଯୁବଶକ୍ତି ଟ୍ରଷ୍ଟର ଅଧ୍ୟକ୍ଷ ସୁବାସଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍ୟୋଗ ପ୍ରତିଷ୍ଠାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦୦ ଜଣ ଯୁବତୀଯୁବକ ଭାଗ ନେଇଥିଲେ । ଅପରପକ୍ଷରେ ୨୦୧୮ ସେପ୍ଟେମ୍ବର ୨୬ରେ ଆୟୋଜିତ ସମଫଳ ଉଦ୍ୟୋଗରେ ଏକ ବ୍ୟବସାୟ ମତାମତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦିଲେଶ୍ୱର ଚଇନିଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା, ଏସ. କମଳାଙ୍କୁ ଦ୍ୱିତୀୟ ପୁରସ୍କାର ୩୦ ହଜାର ଏବଂ ବୁଜି କରକରିଆଙ୍କୁ ତୃତୀୟ ପୁରସ୍କାର ଭାବେ ୨୦ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଇଣ୍ଡିଆନ ବ୍ୟାଙ୍କର ଜୋନାଲ ମ୍ୟାନେଜର ଭି.ଶଙ୍କର ରାଜୁ ମଞ୍ଚାସୀନ ଥିଲେ । ଟ୍ରଷ୍ଟର ରାଜେଶ ପାଢୀ ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।